# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୩ ଫେବୃଆରୀ ୨୦୨୬

----

[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].

**ମୋଟ ପ୍ରଶ୍ନର ସଂଖ୍ୟା - 354**

----

### ଅଶୁଦ୍ଧ ପ୍ୟାକେଜ ପାନୀୟ ଜଳ ବିକ୍ରି

249 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ବ୍ରାଣ୍ଡର ଅଶୁଦ୍ଧ ପ୍ୟାକେଜ ପାନୀୟ ଜଳ ବଜାରରେ ବିକ୍ରି ହେଉଥିବା ସମ୍ବନ୍ଧରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ, ଗତ 3 ବର୍ଷ ମଧ୍ୟରେ କେତୋଟି Unit କୁ ଚିହ୍ନଟ କରାଯାଇଛି ଓ license ନଥିବା ଅବୈଧ ଉତ୍ପାଦକଙ୍କୁ ରୋକିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

### ବାଲେଶ୍ୱର ଠାରେ Trauma Care Centre ସ୍ଥାପନ

371 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସଡକ ଦୁର୍ଘଟଣା ଘଟିବାର ପ୍ରଥମ 60 ମିନିଟ୍ ବା "Golden Hour" ସବୁଠାରୁ ମୂଲ୍ୟବାନ, ଏଥିପାଇଁ Trauma Care Centre ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସମଗ୍ର ରାଜ୍ୟରେ ଜାତୀୟ ଏବଂ ରାଜ୍ୟ ରାଜପଥର କେଉଁ କେଉଁ ଠାରେ କେତୋଟି Trauma Care Centre ରହିଛି, ଏଥିସହିତ ଓଡିଶା-ବଙ୍ଗଳା ସୀମାରୁ ବାଲେଶ୍ୱର-ଭଦ୍ରକ ସୀମା ମଧ୍ୟରେ ଥିବା ଅତ୍ୟନ୍ତ ଦୁର୍ଘଟଣା ପ୍ରବଣ ରାଜପଥର ବସ୍ତା କିମ୍ବା ବାଲେଶ୍ୱର ଠାରେ ଏକ ଅତ୍ୟାଧୁନିକ Trauma Care Centre ସ୍ଥାପନ ପାଇଁ ସରକାରଙ୍କର ପ୍ରସ୍ତାବ ରହିଛି କି ?

----

### ନଗଦବିହୀନ ଚିକିତ୍ସା ଯୋଜନା

562 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ସରକାରଙ୍କ ସଡ଼କ ଦୁର୍ଘଟଣା ପୀଡ଼ିତ୍ରଙ୍କ ପାଇଁ ରାଜ୍ୟବ୍ୟାପୀ ଓ ଦେଶ ବ୍ୟାପୀ ନଗଦବିହୀନ ଚିକିତ୍ସା ଯୋଜନା ଅଛି କି, (ଖ) ଯଦି ହଁ, ତେବେ ଏହାର ବିବରଣୀ, ଏବଂ ଯୋଗ୍ୟତା ସହିତ ପ୍ରସ୍ତାବିତ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ, କଭରେଜ୍ ପରିମାଣ, ଚିକିତ୍ସାର ଅବଧି ଏବଂ ଓଡିଶା ର ଘୋରୋଇ ଡାକ୍ତରଖାନାଗୁଡ଼ିକର ବର୍ଗ ତାଲିକାଭୁକ୍ତ ଦେବା ସହ ଯୋଗାଯୋଗ ବ୍ୟକ୍ତି ଫୋନ ନମ୍ବର ଓ ନାମ ?

----

### GCC Police -2025

846 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Could the Government furnish a sector wise impact assessment and job creation estimate of the newly approved Global Capability Centre (GCC) Policy 2025, especially plans to extend benefits beyond Bhubaneswar to emerging tier-II cities and Western Odisha?

----

## ଦଣ୍ଡ ବିଧାନ ହାର ବୃଦ୍ଧି

991 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହତ୍ୟା, ହତ୍ୟା ପାଇଁ ଉଦ୍ୟମ, ଦୁଷ୍କର୍ମ, ଦୁଷ୍କର୍ମ ପାଇଁ ଉଦ୍ୟମ, ଡକାୟତି, ଡକାୟତି ପାଇଁ ଉଦ୍ୟମ, ଅପରହରଣ ପରି ସାଂଘାତିକ ଅପରାଧ କ୍ଷେତ୍ରରେ ରାଜ୍ୟର ଦଣ୍ଡ ବିଧାନ ହାର (Conviction Rate) କେତେ ରହିଛି, 2024, 2025 ଏବଂ 2026 (ଅକ୍ଟୋବର) କ୍ୟାଲେଣ୍ଡର ବର୍ଷରେ ଏହି ଦଣ୍ଡ ବିଧାନ ହାର କେତେ ରହିଛି, ଦଣ୍ଡବିଧାନ ହାରକୁ ବୃଦ୍ଧିକରି ଜାତୀୟ ହାରରୁ ଅଧିକ କରିବା ପାଇଁ ସରକାର ଘୋଷଣା କରିଥିବା ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି, ଏହି ଲକ୍ଷ୍ୟ ସରକାର କେଉଁ ବର୍ଷ ସୁଦ୍ଧା ହାସଲ କରିବା ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି ?

----

## "ଗୋ-ଚାଲାଣ ଓ ହତ୍ୟାକୁ ରୋକାଯିବା ଓ ଏହାକୁ କାର୍ଯ୍ୟକାରୀତା କରିବା ସମ୍ପର୍କରେ"

1109 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ''ଗୋ-ଚୋରା ଚାଲାଣ ଓ ଗୋ-ହତ୍ୟା ଆଇନ ସମ୍ମତ ଅଟେ କି, ଅତି ନିକଟରେ ତଥା ତା.୦୨.୦୧.୨୦୨୫ ରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ମେନକା ଗାନ୍ଧୀ ଓଡ଼ିଶା ଗସ୍ତ ସମୟରେ ଓଡ଼ିଶାରୁ ବାହାର ରାଜ୍ୟକୁ ବହୁ ସଂଖ୍ୟକ ଗୋ-ଚାଲଣ ହେଉଥିବା ବିଷୟରେ ଦୃଢ଼ୋକ୍ତି ପ୍ରଦାନ କରିଥିବା ସତ୍ୟ ଅଟେ କି, ଉତ୍ତର ନାଁ ହେଲେ, ଓଡିଶା ପୁଲିସ ଓ ଗୋ-ସୁରକ୍ଷା ଦଳ ଡିସେମ୍ବର ଶେଷ ସୁଦ୍ଧା ଭୁବନେଶ୍ୱରରୁ ୩୧ଟି, ଭଦ୍ରକରୁ ୪୪ ଟି, ଏହା ପୂର୍ବରୁ ବାଲେଶ୍ୱରରୁ ଏବଂ କୋରାପୁଟରୁ ୭୯ ଟି ଗୋରୁଙ୍କୁ ଅମାନୁଷିକ ଭାବେ କଣ୍ଟେନର ଓ ଟ୍ରକରେ ଚୋରା ଚାଲାଣ ସମୟରେ ଉଦ୍ଧାର କରିଥିଲେ ଏବଂ ଦଶପଲ୍ଲାରେ ଏହି ପରିତ୍ୟକ୍ତ ଟ୍ରକରୁ ୩୦ ଗୋରୁଙ୍କ ମୃତ ଶରୀର ଉଦ୍ଧାର କିପରି ହୋଇଥିଲା, ଏଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ

1112 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଯଶୋବନ୍ତ ସିଂ କମିଶନର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ କେଉଁ ସ୍ଥାନରେ ସ୍ଥାପନା ପାଇଁ କୁହାଯାଇଥିଲା ଜଣାଇବେ କି, ଖ) ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କ'ଣ ରହିଛି ଜଣାଇବେ କି ?

----

## Sub-Divisional Court ରେ E-Courtroom, Video Conference Facility ଏବଂ Digital Facility ପ୍ରତିଷ୍ଠା ସମ୍ପର୍କରେ

1273 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସମସ୍ତ Sub-Divisional Court ରେ E-Courtroom, Video Conference Facility ଏବଂ Digital Library ସୁବିଧା କେତେ ପ୍ରତିଶତ କାର୍ଯ୍ୟକ୍ଷମ ହୋଇଛି ଓ ଅବଶିଷ୍ଟ କେବେ ସମ୍ପୂର୍ଣ୍ଣ କରାଯିବ, POCSO, ମହିଳା ଓ SC/ST Atrocity Case disposal ପାଇଁ କେତେଟି Fast Track Court କାର୍ଯ୍ୟରତ ଅଛି ଏବଂ ଅବଶିଷ୍ଟ ଜିଲ୍ଲାରେ କେବେ ସ୍ଥାପନ କରାଯିବ, ରାଜ୍ୟର ସମସ୍ତ Court ରେ Case-Type wise Pending Case Data କୁ Monthly Online Portal ଭିତରେ Public Domain ରେ ପ୍ରକାଶ ପାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ଏହି ପ୍ରସ୍ତାବ ଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ବିଧାୟକମାନଙ୍କୁ ଘରଡିହ ପ୍ଲଟ ଦେବା

1291 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ମାନ୍ୟବର ବିଧାୟକମାନଙ୍କୁ ରାଜଧାନୀରେ ବାସ ଗୃହ ନିର୍ମାଣ କରିବା ନିମନ୍ତେ ଘରବାରି ପ୍ଲଟ ଯୋଗାଇ ଦିଆଯାଉଥିଲା ; ବହୁ ବର୍ଷ ହେଲା ବିଧାୟକମାନଙ୍କୁ ଘରବାରି ପଟ୍ଟା ଯୋଗାଇ ଦିଆଯାଉନଥିବାରୁ ମାନ୍ୟବର ବିଧାୟକମାନଙ୍କୁ ପୂର୍ବ ପରି ଘର ଡିହ ପ୍ଲଟ ଯୋଗାଇ ଦେବାକୁ ପଦକ୍ଷେପ ନେବେ କି ?

----

## ଡାକ୍ତର ଅଭାବରୁ ରୋଗୀ ସେବା ବାଧାପ୍ରାପ୍ତ

1292 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବରୁ ରୋଗୀ ଚିକିତ୍ସା ବହୁ ପରିମାଣରେ ବାଧାପ୍ରାପ୍ତ ହେଉଅଛି ; ଏଠାକୁ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ; ମୁଖ୍ୟ ଚିକିତ୍ସାଳୟଟି ଜିଲ୍ଲାର ସମସ୍ତ ବ୍ଲକ, ପୌରାଞ୍ଚଳ, ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡ ଓ ଢେଙ୍କାନାଳ ଜିଲ୍ଲାର ରୋଗୀ ବହୁ ଆଶାନେଇ ଦୈନନ୍ଦିନ ଆସୁଛନ୍ତି ; ଡାକ୍ତର ଅଭାବରୁ ରୋଗୀ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ; ତେଣୁ ଆବଶ୍ୟକତା ଅନୁସାରେ ସମସ୍ତ ବିଭାଗର ଡାକ୍ତର

----

## ଆସିକା ଠାରେ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ ସ୍ଥାପନ

1293 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆସିକା ଜନବହୁଳ ଓ ଜିଲ୍ଲାର କେନ୍ଦ୍ରୀୟ ସ୍ଥଳ ହେବାରୁ ବାରମ୍ବାର ଅପରାଧିମାନେ ବିଭିନ୍ନ ଅପରାଧ କରିଚାଲି ଆସୁଛନ୍ତି ; ଅପରାଧ ନିୟନ୍ତ୍ରଣ କରିବା ପାଇଁ ଅଧିକ ସଂଖ୍ୟକ ପୋଲିସ ଷ୍ଟାଫ ମୃତୟନ କରିବା ସଂଗେ ସଂଗେ ଏକ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ବହୁବାର ଜନସାଧାରଣଙ୍କ ଦାବୀ ହେଉଅଛି ; ଏଣୁ ସରକାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଏକ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ(Additional Superintend of Police, Aska) ଅବସ୍ଥାପନ କରିବା ନିହାତି ଅପରିହାର୍ଯ୍ୟ ଅଟେ ; ଏହା କେତେଦିନ ମଧ୍ୟରେ କାର୍ଯ୍ୟକାରୀ କରିବେ

----

## ଆସିକା ଥାନା ଅଧିନରେ ପଞ୍ଚାୟତ ଅନ୍ତର୍ଭୁକ୍ତ କରିବା

1294 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆସିକା ବିଧାନସଭା ଅନ୍ତର୍ଗତ ଆସିକା ପଞ୍ଚାୟତ ସମିତିର ଚାରିଗୋଟି ପଞ୍ଚାୟତ ଯଥା- (1) ମୁନିଗାଡି (2) ବାଂଗରଡା, (3) ନିମନା, (4) କେନ୍ଦୁପଦର ଗାଂଗପୁର ପୋଲିସ ଥାନା ଅଧିନରେ ଅଛି ; ରାଜ୍ୟ ସରକାରଙ୍କ (delamination) ବିସେଠା ପ୍ରକାରେ ପ୍ରତି ରାଜସ୍ଵ ତହସିଲ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ରାଜସ୍ଵ ତହସିଲ ମଧ୍ୟରେ ଥିବା ଅଧିନରେ ରହିବ ; ଯାହାକି ବିଭିନ୍ନ ବ୍ଲକରେ ମଧ୍ୟ କାର୍ଯ୍ୟକାରୀ ହୋଇଛି ; ଏଣୁ ଉକ୍ତ ନିୟମ ପ୍ରକାରେ ମୁନିଗାଡି, ବାଂଗରଡା, ନିମିନା, କେନ୍ଦୁପଦର ଓ ଗହଂଗୁ ପଞ୍ଚାୟତକୁ ଆସିକା ପୋଲିସ ଥାନା ଅଧିନକୁ ଅନ୍ତର୍ଭୁକ୍ତ କରିବେ କି?

----

## ନିମ୍ନମାନର ଔଷଧ ବିକ୍ରି

1295 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଂଜାମ ଜିଲ୍ଲାର ଆସିକା ହେଉଛି ଜିଲ୍ଲାର ଦ୍ଵିତୀୟ ବୃହତ୍ତମ ସହର ; ଉକ୍ତ ଅଞ୍ଚଳରେ ପ୍ରବଳ ମାତ୍ରାରେ ନିମ୍ନମାନର ଔଷଧ ଓ kit ବିକ୍ରି ହେଉଅଛି ; ପ୍ରତ୍ୟେକ ଔଷଧର ଓ kit ର ଭେଜାଲ ଓ duplicate ବିକ୍ରି ହେବା ଫଳରେ ଜନସାଧାରଣ ଆରୋଗ୍ୟ ଲାଭ କରିବା ପ୍ରତି ବଦଳରେ ନାନା ପ୍ରକାର ଜଟିଳ ରୋଗରେ ସମ୍ମୁଖୀନ ହେଉଛନ୍ତି ; ଉକ୍ତ ବିକ୍ରିକୁ ରୋକିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ ; ଦ୍ଵିତୀୟତଃ ସ୍ଵାସ୍ଥ୍ୟ ବିଭାଗ ତରଫରୁ Drug Inspector ଔଷଧ ଦୋକାନ ଗୁଡିକୁ ରିତିମତ ତଦାରଖ ନକରିବା ଯୋଗୁଁ ଔଷଧ ଦୋକାନ ମାନେ ଖୁଲାମ ଖୋଲା ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହୁଛନ୍ତି?

----

## କେନ୍ଦ୍ର ସରକାରଠାରୁ ମିଳିବାକୁ ବକେୟା ଅର୍ଥ

1296 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ଵାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଗତ ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫—୨୬ (ଅକ୍ଟୋବର ସୁଦ୍ଧା ) ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ବିଭିନ୍ନ ବିଭାଗ ପାଇଁ କେତେ ବକେୟା ଟଙ୍କା ପ୍ରତି ରହିଛି? ଏହି ବକେୟା ଟଙ୍କା ପାଇବା ପାଇଁ ଡବଲ ଇଞ୍ଜିନ ସରକାର କେଉଁ ପଦକ୍ଷେପ ନେଉଛନ୍ତି ଏବଂ କେବେସୁଦ୍ଧା ଏହି ବକେୟା ଟଙ୍କା ରାଜ୍ୟ ସରକାର ପ୍ରାପ୍ତ କରିବେ, ତାହାର ଏକ ବିଭାଗୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ଗତ ୨୦୨୩-୨୪ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନା ( Central Schemes) ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (Centrally Sponsored Schemes) ତୁଳନାରେ ୨୦୨୪-୨୫ ଏବଂ ୨୦୨୫-୨୬ (ଅକ୍ଟୋବର ସୁଦ୍ଧା) ଆର୍ଥିକ ବର୍ଷ ସୁଦ୍ଧା କେଉଁ କେଉଁ କେନ୍ଦ୍ରୀୟ ଯୋଜନା ( Central Schemes) ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (Centrally Sponsored Schemes)ରେ ପ୍ରାବଧାନ ହ୍ରାସ ପାଇଛି କିମ୍ବା ବନ୍ଦ କରାଯାଇଛି ତାହାର ଏକ ବିଭାଗ—ୱାରୀ ଏବଂ ଯୋଜନା — ୱାରୀ ଏହାର ତୁଳନାତ୍ମକ ଚିତ୍ର ପ୍ରଦାନ କରିବେ କି ?

----

## ଇଲେକ୍ଟ୍ରୋ-ହୋମିଓପାଥି ଚିକିତ୍ସା ପ୍ରଦାନ

1297 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ଵାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) ରାଜ୍ୟରେ ବିଭିନ୍ନ ରୋଗକୁ ନିୟନ୍ତ୍ରଣ ପାଇଁ ଏଲୋପାଥିକ ଔଷଧ ଗୁଡିକ ବହୁମୂଲ୍ୟ ହୋଇଥିବା ସ୍ଥଳେ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ବହୁତ ଗ୍ରହଣଯୋଗ୍ୟ ହୋଇପାରିଛି ତାକୁ ଦୃଷ୍ଟିରେ ରଖି ଅଦ୍ୟାବଧି କେତେ ଡାକ୍ତର ଇଲେକ୍ଟ୍ରୋ-ହୋମିଓପାଥ ଚିକିତ୍ସା ପ୍ରଦାନ କରୁଛନ୍ତି ସେମାନଙ୍କର ଜିଲ୍ଲାୱାରୀ ତାଲିକା ଦେବାସହ ସେମାନେ କେଉଁଭଳି ଭାବରେ ସରକାରୀ, ବେସରକାରୀ କିମ୍ବା କର୍ମନିୟୋଜନ ଅଧୀନରେ କାର୍ଯ୍ୟକରୁଛନ୍ତି ତାହା ସ୍ପଷ୍ଟୀକରଣ ରଖିବେ କି, ସେମାନଙ୍କର ଶିକ୍ଷାଠାରୁ ଆରମ୍ଭକରି ଚିକିତ୍ସାଳୟ ଓ ଔଷଧ ଆଦି କିଭଳିଭାବେ ପରିଗୁଳିତ ହେଉଛି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ; (ଖ) ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ବହୁ ରାଜ୍ୟରେ ଇଲେକ୍ଟ୍ରୋ ହୋମିଓପାଥକୁ ସରକାରୀ ଭାବେ ପରିଗ୍ଭଳନା କରାଯାଉଥିବା ସ୍ଥଳେ ଓଡ଼ିଶାରେ ଏହାକୁ ସରକାରୀ ଭାବେ ପରିଗ୍ଭଳନା ନ କରିବାର କାରଣ କ'ଣ ଜଣାଇବେ କି, ଏବଂ ରାଜ୍ୟ ଇଲେକ୍ଟ୍ରୋ-ହୋମିଓପାଥି ଚିକିତ୍ସକ ସଂଘ ତରଫରୁ ବିଭାଗକୁ ଅଦ୍ୟାବଧି କେତେଥର ସଂଘ ତରଫରୁ କି କି ଦାବୀ ଜଣାଇଛନ୍ତି ଏବଂ ସରକାର ଏହାକୁ ଗୁରୁତ୍ୱ ନି ଦେବାର କାରଣ କ'ଣ, ଯଦି ଗୁରୁତ୍ୱ ଦେଇଛନ୍ତି ତେବେ ତାହା ଉପରେ ଅଦ୍ୟାବଧି କି ପଦକ୍ଷେପ ମାନ ଗ୍ରହଣ କରାଯାଉଛି ?

----

## ବିଜୁ ସ୍ୱାସ୍ଥ୍ୟ ଓ ଆୟୁଷ୍ମାନ କାର୍ଡ ମଧ୍ୟରେ ପାର୍ଥକ୍ୟ

1298 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ପୂର୍ବରୁ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଓ ବର୍ତ୍ତମାନ ପ୍ରଚଳିତ, ଆୟୁଷ୍ମାନ କାର୍ଡ ମଧ୍ୟରେ କି ପାର୍ଥକ୍ୟ ଦେଖାଦେଇଛି, ଏହା ସାସ୍ଥ୍ୟସେବା ପାଇଁ କେତେ ଉପାଦେୟ, ଏହାର ସମସ୍ତ ନୀତିନିୟମ କ'ଣ ଅଦ୍ୟାବଧି ଏହି ଆୟୁଷ୍ମାନ ଯୋଜନାରେ କେଉଁ ଜିଲ୍ଲାର କେତେ ରୋଗୀ ଉପକୃତ ହୋଇଛନ୍ତି ତାର ଜିଲ୍ଲାୱାର ତାଲିକା ପ୍ରଦାନ କରିବେ କି ; (ଖ) ଆୟୁଷ୍ମାନ ଯୋଜନାରେ ଚିକିତ୍ସା ନିମନ୍ତେ ରୋଗୀମାନେ ବାହାର ହସ୍ପିଟାଲକୁ ଯାଇ ସେଠାରେ ଏହାଦ୍ୱାରା ଉପକୃତ ହୋଇପାରୁନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ହଁ, ହୁଏ ତେବେ ଏହାର ପତ୍ରିକାର ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ତାର ସମସ୍ତ ତଥ୍ୟଭିତିକ ଉତ୍ତର ଉପସ୍ଥାପନା କରିବେ କି, ଏବଂ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ କେତେ ଜଣ ଯୋଗ୍ୟ ହିତାଧିକାରୀ ଅଛନ୍ତି ଏବଂ ସେଥିରୁ କେତେଜଣଙ୍କୁ ଏହି କାର୍ଡ଼ ପ୍ରଦାନ କରାଯାଇଛି, ଅବଶିଷ୍ଟ କାର୍ଡ ପ୍ରଦାନ କରିବା ପାଇଁ କେତେ ସମୟ ଲାଗିବ, ଯେଉଁମାନଙ୍କୁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଛି ସେମାନେ ଏହି ନୂତନ କାର୍ଡ ବ୍ୟବହାର କରି ସୁବିଧା ପାଉଛନ୍ତି କି, ନୂତନ କାର୍ଡ ପ୍ରଦାନ ପରେ ସେମାନଙ୍କ ପୁରୁଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ ଅଚଳ କରି ଦିଆଯାଇଛି କି, ଯଦି ହଁ, ଏହାର କାରଣ କ'ଣ ?

----

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତ୍ତିଭୂମି ଉନ୍ନୟନ

1299 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରତିଷ୍ଠିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତ୍ତିଭୂମି ଉନ୍ନୟନ ସୁବ୍ୟବସ୍ଥିତ ହୋଇନଥିବା ବେଳେ ଏହାର ଆବଶ୍ୟକ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ମେଡିକାଲ କର୍ମଚାରୀଙ୍କ ଅଭାବ ରହିଥିବା ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର ହଁ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଆବଶ୍ୟକ ମାନବ ସମ୍ବଳ ନିୟୋଜନ ସହ ଭିତ୍ତିଭୂମି ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଘରଭଡା ଦେବା ପୂର୍ବରୁ ତଥ୍ୟ ଥାନାରେ ଦାଖଲ

1300 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିନା ପରିଚୟ ପତ୍ରରେ ଘରଭଡା ନେଇ ରହୁଥିବା ବହୁ ଅପରାଧିକ ତତ୍ତ୍ୱଙ୍କ ଦ୍ୱାରା ଅପରାଧ ବୃଦ୍ଧି ଘଟୁଥିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଘରଭଡା ଦେବା ପୂର୍ବରୁ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ଥାନାରେ ଦାଖଲ କରିବା ବାଧ୍ୟତାମୂଳକ କରିବେ କି?

----

## ବିଭିନ୍ନ ବିଭାଗକୁ ମିଳିଥିବା ବଜେଟ୍ ବ୍ୟୟ ବରାଦ

1301 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ମାସ ଶେଷସୁଦ୍ଧା ସରକାରଙ୍କ କେଉଁ ବିଭାଗରେ ବଜେଟ ବ୍ୟୟ ବରାଦ ଅନୁସାରେ କେତେ ଅର୍ଥ ବିନିଯୋଗ ହେଲା ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ; ପ୍ରତ୍ୟେକ ବିଭାଗର ବିନିଯୋଗ ପରିମାଣ ଶତକଡା କେତେ ଶତାଂଶ ; ମୁଖ୍ୟ ଶାସନ ସଚିବଙ୍କ ପ୍ରତ୍ୟେକ ବିଭାଗକୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ କଣ ଅଛି ; ଯଦି ନିର୍ଦ୍ଦେଶ କାର୍ଯ୍ୟକାରୀ ନହୁଏ ତେବେ ପରବର୍ତ୍ତୀ ପଦକ୍ଷେପ କଣ ହେବ?

----

## ଏସ୍.ସି.ବି. ମେଡିକାଲ କଲେଜ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ

1302 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଏସ୍.ସି.ବି. ମେଡିକାଲ କଲେଜ, କଟକ ବିଶ୍ୱସ୍ତରୀୟ ମେଡିକାଲ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ କେଉଁ ଆର୍ଥିକ ବର୍ଷରେ କେଉଁ ବାବଦରେ କେତେ ଅର୍ଥ ବିନିଯୋଗ ହୋଇସାରିଛି ସରକାର ସରକାର ଏହାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ; ପୂର୍ଣ୍ଣାଙ୍ଗ ନବୀକରଣ କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ?

----

**ସୀମାନ୍ତ ଜିଲ୍ଲାମାନଙ୍କରେ ଥିବା ଥାନା**

1303 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସୀମାନ୍ତ ଜିଲ୍ଲାମାନଙ୍କରେ କେଉଁ ଜିଲ୍ଲାରେ କେତୋଟି ଥାନା, ପ୍ରତ୍ୟେକଟିକୁ ଅତ୍ୟାଧୁନିକ ଥାନାରେ ପରିଣତ କରିବାକୁ ସରକାରଙ୍କର ଯୋଜନା ଭିତ୍ତିକ କାର୍ଯ୍ୟକ୍ରମ କଣ ; କେଉଁ ବାବଦରେ ଅର୍ଥ ବିନିଯୋଗ କରାଯାଇଛି ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ; ପ୍ରତ୍ୟେକ ଥାନାରେ ବର୍ତ୍ତମାନ କେତେ କର୍ମଚାରୀ କାର୍ଯ୍ୟରତ ଅଛନ୍ତି?

----

**ଜଟଣୀ CHC କୁ ଉନ୍ନୀତ କରାଯିବା ପାଇଁ ପଦକ୍ଷେପ**

1304 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ସହରର ଲୋକ ସଂଖ୍ୟା ବୃଦ୍ଧି ସହ ଏହାର ଚତୁଃପାର୍ଶ୍ୱରେ IIT, NISER ସମେତ ବହୁ ଉଚ୍ଚକୋଟୀର ଶିକ୍ଷାନୁଷ୍ଠାନ ସ୍ଥାପିତ ହେଉଥିବାରୁ ଜଟଣୀ CHC କୁ ଉନ୍ନୀତ କରାଯାଇ ଏକ ଅତ୍ୟାଧୁନିକ ସଂପ୍ରସାରିତ ମେଡିକାଲରେ ପରିଣତ କରି ଏଠାରେ 24 ଘଣ୍ଟିଆ CT SCAN ,ସହ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**E-mail ଓ Mobile WhatsApp ମାଧ୍ୟମରେ ଅଭିଯୋଗ ଗ୍ରହଣ**

1305 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ)ତା.01.07.2024ରିଖରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠ, ବିଭିନ୍ନ ମନ୍ତ୍ରୀ, ବିରୋଧୀଦଳ ନେତା, ମୁଖ୍ୟଶାସନ ସଚିବ, ବିଭିନ୍ନ ବିଭାଗୀୟ ସଚିବ, ନିର୍ଦ୍ଦେଶକ, RDC, ଜିଲ୍ଲାପାଳ ଓ କ୍ଷେତ୍ର କାର୍ଯ୍ୟାଳୟକୁ କେତୋଟି ଅଭିଯୋଗ ପତ୍ର ମାଧ୍ୟମରେ, ଇ-ମେଲ ମାଧ୍ୟମରେ ଆସିଥିବା ବେଳେ ତନ୍ମଧ୍ୟରୁ କେତୋଟିର ସମାଧାନ ହୋଇ ଆବେଦନକାରୀକୁ ପତ୍ର ଯୋଗେ, WhatsApp, mobile SMS, E-Mail ମାଧ୍ୟମରେ ଅବଗତ କରାଯାଇଛି; (ଖ) ସରକାର ଇ-ପ୍ରଶାସନ ବ୍ୟବସ୍ଥା କରିଥିବା ପରିପ୍ରେକ୍ଷୀରେ ଜନସାଧାରଣଙ୍କ ଠାରୁ E-mail, Mobile, WhatsApp, Social Media ମାଧ୍ୟମରେ ଅଭିଯୋଗ ଗ୍ରହଣ କରି ତାହାର ସମାଧାନ ପାଇଁ ବ୍ୟବସ୍ଥା କରିବେ କି?

----

**Sanction a 24x7 Regional Blood Bank**

1306 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Whether the Government will sanction a 24x7 Regional Blood Bank with Component Separation Unit at BBMCH, in view of its high surgery and trauma caseload ; (a) Whether the Government will establish a Component Separation Unit (CSU) to avoid referrals to Burla and Sambalpur; (b) By when will the upgraded blood bank be made fully operational and whether adequate trained technicians and transfusion officers have been sanctioned?

----

**Recent serious incident report involving a minor girl in Balangir**

1307 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Whether the Government is aware of the recent serious incident reported in Balangir district involving a minor girl; (b) The details of police action taken so far, including registration of case and arrests/detention made; Whether adequate protection, medical aid and counselling have been provided to the victim; and the preventive measures proposed by the Government to ensure safety of women and children and to prevent recurrence of such incidents in Balangir district?"

----

**ନୂତନ outpost ପ୍ରତିଷ୍ଠା**

1308 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଜିରାକ ଠାରେ ଗୋଟିଏ ନୂତନ outpost, Police ର ଆବଶ୍ୟକ ଅଛି, କେବେ ଖୋଲିବାର ବ୍ୟବସ୍ଥା ଅଛି କି ?

----

**Postmortem Center ସ୍ଥାନାନ୍ତର**

1309 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାମାକ୍ଷାନଗର ଠାରେ ଥିବା Postmortem Center କୁ ତୁରନ୍ତ ବସ୍ତିଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବେ କି ?

----

**କିଶୋର ନଗରଠାରେ ଏକ ନୂତନ ଅଗ୍ନିଶମ କେନ୍ଦ୍ର ସ୍ଥାପନ**

1310 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସଦର ଏବଂ ସାଲେପୁର ନିର୍ବାଚନ ମଣ୍ଡଳୀର ମହାନଦୀ ଓ ଚିତ୍ରୋତ୍ପଳା କୂଳରେ ଥିବା ପ୍ରାୟ ୨୦ଟି ପଞ୍ଚାୟତରେ ବାରମ୍ବାର ଘଟୁଥିବା ଅଗ୍ନିକାଣ୍ଡ ଏବଂ ଜଳରେ ବୁଡ଼ିବା ଭଳି ଦୁର୍ଘଟଣାରୁ ରକ୍ଷା ପାଇଁ କିଶୋର ନଗରଠାରେ ଏକ ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି, ଜରୁରୀକାଳୀନ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏଠାରେ ସ୍ୱତନ୍ତ୍ର ଜଳ-ଉଦ୍ଧାର ଉପକରଣ (Water Rescue Equipment) ଯୋଗାଇ ଦିଆଯିବ କି?

----

**କିଶନନଗର ଠାରେ (MCH) କେନ୍ଦ୍ର ପ୍ରତିଷ୍ଠା**

1311 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକର ଏସସିବି ମେଡିକାଲ କଲେଜ ଉପରେ ଚାପ କମାଇବା ପାଇଁ କିଶନନଗର ଅଞ୍ଚଳରେ ଏକ ସ୍ୱତନ୍ତ୍ର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର (MCH) ପ୍ରତିଷ୍ଠା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି, କଟକ ସଦର ଏବଂ ସାଲେପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୮ ରୁ ୨୨ଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଉପରେ ନିର୍ଭର କରୁଥିବା ବେଳେ, ଏହାକୁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଭାବେ ଉନ୍ନତିକରଣ କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ରହିଛି କି, ଅଧିକ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ୨୪x୭ ଜରୁରୀକାଳୀନ ସେବା, ମାତୃ ଓ ଶିଶୁ ମଙ୍ଗଳ ବିଭାଗ ଏବଂ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଇବା ପାଇଁ କି ପଦକ୍ଷେପ ନିଆଯାଉଛି, ୨୦୨୬-୨୭ ଆର୍ଥିକ ବର୍ଷରେ ଏହି PHC କୁ 'ଆମ ହସ୍ପିଟାଲ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆଧୁନିକ ରୋଗ ନିରୂପଣ ସୁବିଧା ଯୋଗାଇ ଦିଆଯିବ କି ?

----

**ସୁଲଭ ମୂଲ୍ୟରେ ICU ଓ CCU ଚିକିତ୍ସା ସୁବିଧା**

1312 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମସ୍ତ ଘରୋଇ ଓ ସରକାରୀ ମେଡିକାଲ କଲେଜ ଓ Hospital ମାନଙ୍କରେ ସମୁଦାୟ କେତେ ICU ଓ CCU ଗୁଡ଼ିକୁ ପ୍ରକୃତ ରୋଗୀ ଯେପରି ସୁଲଭ ମୂଲ୍ୟରେ ଚିକିତ୍ସା ସୁବିଧା ପାଇବେ ସେଥିପାଇଁ ସରକାର ଏକ Guideline ଜାରି କରିବେ କି, ଗୁରୁତର ରୋଗୀଙ୍କୁ ସରକାରୀ Medical ମାନଙ୍କରେ ICU Bed ପାଇବାକୁ ହେଲେ ଲାଞ୍ଚ ଦେଇ ଧରାଧରି ପଡୁଥିବାରୁ ଓ ଘରୋଇ Medical ମାନଙ୍କରେ ଗୁରୁତର ରୋଗୀଙ୍କଠାରୁ ICU Bed ବାବଦରେ ବହୁ ଅର୍ଥ ଦାବୀ କରୁଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବେ କି ?

----

**ଆୟୁଷ୍ମାନ ଯୋଜନାରେ ଉପକୃତ ହିତାଧିକାରୀ**

1313 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତେ ଜଣ ହିତାଧିକାରୀ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହୋଇଛନ୍ତି, ତନ୍ମଧ୍ୟରୁ କେତେ ଜଣ ହିତାଧିକାରୀ ଅଦ୍ୟାବଧି ରାଜ୍ୟ ବାହାରେ ଓ ରାଜ୍ୟ ଭିତରେ ବିଭିନ୍ନ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି, ସେ ବାବଦରେ ଅଦ୍ୟାବଧି କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ତାହା ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଅଦ୍ୟାବଧି ଚିକିତ୍ସା ବାବଦକୁ କେତେ ଟଙ୍କା ବିଭିନ୍ନ ସରକାରୀ, ବେସରକାରୀ ଚିକିତ୍ସାଳୟକୁ ପୈଠ କରିବା ପାଇଁ ବାକି ଅଛି ?

----

**ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ Orthopedic ୱାର୍ଡ କାର୍ଯ୍ୟକ୍ଷମ**

1314 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ trauma ବିଲଡିଂରେ orthopedic ୱାର୍ଡ ବନ୍ଦ ହୋଇଯିବାର କାରଣ କଣ, କୋଠା ଉପଲବ୍ଧ ଥିବାରୁ ତୁରନ୍ତ ନୂତନ orthopedic ଡାକ୍ତର ନିଯୁକ୍ତି ପାଇ ଉକ୍ତ orthopedic ୱାର୍ଡ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗ ପଦକ୍ଷେପମାନ ଗ୍ରହଣ କରିବେ କି, (ଖ) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ଗୃହର ଚିଲ୍ଲର ମେସିନ କାର୍ଯ୍ୟକ୍ଷମ ଅଛି ନା ନାହିଁ , ଆବଶ୍ୟକତାକୁ ଦେଖି ବିଭାଗ ପକ୍ଷରୁ ଆଉ ଏକ ଅତିରିକ୍ତ ଶବ ରଖିବା chiller machine ବିଭାଗ ପକ୍ଷରୁ DHH ବାଲେଶ୍ୱରକୁ ନିଜ ଆଡୁ ପ୍ରଦାନ କରିବେ କି ?

----

### ଫକୀରମୋହନ ମେଡିକାଲ କଲେଜରେ PG ଖୋଲିବା

1315 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ କେଉଁ ବିଭାଗ ଗୁଡିକରେ କେତେଗୋଟି ସିଟ ପାଇଁ ନୂତନ PG ଖୋଲିଛି, ଅନ୍ୟ ମେଡିକାଲ କଲେଜ ତୁଳନାରେ ଆମର ସିଟ ସଂଖ୍ୟା କମ କଣ ପାଇଁ, ଆସନ୍ତା ବର୍ଷରେ କେଉଁ ନୂତନ ବିଭାଗରେ PG ଖୋଲିବା ପାଇଁ ବିଭାଗ ତରଫରୁ ନିଷ୍ପତ୍ତି ହୋଇଛି କହିବେ କି ; (ଖ) FMMCHରେ କେଉଁ ଯୋଜନାରେ କେତେ outsource manpower ପୋଷ୍ଟ ଅନୁମୋଦିତ ହୋଇଥିବା ବେଳେ ଆଜିଯାଏଁ କେତେ vacancy ଅଛି, Scheme/in position / vacancy/ agency ନାମ ଚୁକ୍ତି ସମୟ ସମେତ ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

### ବାଲେଶ୍ୱର ଜେଲ ସ୍ଥାନାନ୍ତର

1316 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ସହର ମଧ୍ୟରୁ ଜେଲ ସ୍ଥାନାନ୍ତର କରିବା ପାଇଁ ବିଭାଗ ପକ୍ଷରୁ ପୁନଃ ପ୍ରକ୍ରିୟା ଆରମ୍ଭ କରାଯିବ କି, ଯଦି ନା କଣ ପାଇଁ ଏବଂ ଯଦି ହଁ କେବେ, ପୂର୍ବରୁ ଆରମ୍ଭ ହୋଇଥିବା ଜେଲ ସ୍ଥାନାନ୍ତର ପ୍ରକ୍ରିୟା କଣ ପାଇଁ ସଫଳ ହେଲା ନାହିଁ , ବର୍ତ୍ତମାନ ତାହା କିଭଳି ହେବ ସେଥିପାଇଁ ବିଭାଗ ତରଫରୁ ଉଦ୍ୟମ ଆରମ୍ଭ ହେବ କି ?

----

### କେନ୍ଦ୍ରୀୟ ଅନୁଦାନ ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ

1317 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଅନୁଦାନ 41,591.73 କୋଟି ପାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ, ବର୍ତ୍ତମାନ ସୁଦ୍ଧା କେତେ ଅନୁଦାନ ଆମର ହସ୍ତଗତ ହୋଇଅଛି ?

----

### ବର୍ତ୍ତମାନ ସରକାର କରିଥିବା ଋଣ

1318 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସରକାର ଚଳିତ ୨୦୨୫-୨୦୨୬ ଆର୍ଥୀକ ବର୍ଷରେ କେତେ ଋଣ ବର୍ତ୍ତମାନ ସୁଦ୍ଧା କରିଅଛନ୍ତି, Budget ପ୍ରସ୍ତାବିତ ୪୭୪୦୦ କୋଟି ଟଙ୍କା ସମ୍ପୂର୍ଣ୍ଣ ଉଠାଇବା ମନସ୍ତ କରିଛନ୍ତି କି, ତନ୍ମଧ୍ୟରୁ Open Market ଋଣ କେତେ, ୨୦୨୪-୨୦୨୫ ଆର୍ଥିକ ବର୍ଷ actual କେତେ ସମୁଦାୟ ଋଣ କରିଥିଲେ ?

----

### Funds for centrally sponsored schemes

1319 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Funds for centrally - sponsored schemes to the tune of Rs.43,636 crore are lying unspent in the Single Nodal Agency (SNA) accounts of States, with on additional Rs.25000 crore yet to the transferred to the SNA, as on dt.31.12.2025, the unspent balances were under the schemes i.e. Samagra Shiksha, Jal Jeeban Mission and Saksham Anganwadi and Poshan 2.0, from above unspent balance what is the share of Odisha lying unspent ?

----

### କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ

1320 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିବା ସତ୍ୟ କି, ଯଦି ହଁ, ଏହି କମିଟିରେ କିଏ ଅଧ୍ୟକ୍ଷ ଅଛନ୍ତି ଓ କେଉଁ କେଉଁମାନେ ସଭ୍ୟ ଅଛନ୍ତି ଓ ସରକାରଙ୍କ କେଉଁ ବିଜ୍ଞପ୍ତି ଅନୁସାରେ କେଉଁ ତାରିଖରେ ଏହି କମିଟି ଗଠନ କରାଯାଇଛି ଏବଂ ଇତି ମଧ୍ୟରେ କେଉଁ କେଉଁ ତାରିଖରେ କମିଟି ବସି କି କି ନିଷ୍ପତ୍ତି ନେଇଛନ୍ତି, (ଖ) କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ବର୍ତ୍ତମାନ ସୁଦ୍ଧା କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

### ଅତିରିକ୍ତ ସମ୍ବଳ ସଂଗ୍ରହ

1321 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ରାଜ୍ୟ ସରକାର ୨୦୨୫-୨୬ ବର୍ଷରେ କି କି ପଦକ୍ଷେପ ନେଇଛନ୍ତି ଓ ବର୍ତ୍ତମାନ ସୁଦ୍ଧା ଏହାର କି କି ସୁଫଳ ମିଳିଛି କହିବେ କି, (ଖ) ୨୦୨୫-୨୬ ଆର୍ଥିକ ବର୍ଷରେ ଜାନୁୟାରୀ ୩୧ ସୁଦ୍ଧା କେଉଁ କେଉଁ ବିଭାଗ ବଜେଟ୍ ବ୍ୟୟ ବରାଦର କେତେ କେତେ ଶତାଂଶ ଖର୍ଚ୍ଚ କରିଛନ୍ତି ତାର ଏକ ବିସ୍ତୃତ ବିବରଣୀ ଦେବେ କି ?

----

### ଘଟଣାର ତଦନ୍ତ ପାଇଁ କମିଶନ ଗଠନ

1322 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଜୁନ୍ ୨୦୨୪ ଠାରୁ ଅଦ୍ୟାବଧି କେଉଁ କେଉଁ ଘଟଣାର ତଦନ୍ତ ପାଇଁ କେଉଁ କେଉଁ କମିଶନମାନ ଗଠନ କରିଛନ୍ତି ଓ ସେହି ସେହି କମିଶନମାନ ଇତିମଧ୍ୟରେ କେବେ କେବେ ସେମାନଙ୍କର ରିପୋର୍ଟ ସରକାରଙ୍କୁ ଦାଖଲ କରିଛନ୍ତି ଓ ସରକାର କମିଶନଙ୍କ ରିପୋଟ ଆଧାରରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହାର ପୃଥକ ପୃଥକ ବିବରଣୀ ଉପସ୍ଥାପନ କରିବେ କି ?

----

### ଥାନାରେଥିବା ଅପେକ୍ଷା ଗୃହ

1323 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମୋଟ କେତୋଟି ଥାନା ରହିଛି ଏବଂ ଏହିସବୁ ଥାନା ମଧ୍ୟରୁ କେତୋଟି ଥାନାରେ ସିସିଟିଭି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି, କେତୋଟି ଥାନାରେ ମହିଳା ଓ ଶିଶୁ ଡ଼େସ୍କ ରହିଛି ଓ କେତୋଟି ଥାନାରେ ଆଗନ୍ତୁକମାନଙ୍କ ପାଇଁ ଅପେକ୍ଷାଗୃହ ରହିଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

### ମିଳିଥିବା ଅର୍ଥ ଖର୍ଚ୍ଚ ସମ୍ପର୍କିତ

1324 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ଆର୍ଥିକ ବର୍ଷରେ କେଉଁ କେଉଁ ବିଭାଗ ସେମାନଙ୍କ ପାଇଁ ବଜେଟରେ ବରାଦ ଅର୍ଥରୁ କେତେ ପ୍ରତିଶତ ଖର୍ଚ୍ଚ କରିଥିଲେ; ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ବିଭାଗଗୁଡ଼ିକ ସେମାନଙ୍କ ବରାଦ ଥିବା ବଜେଟ ଅର୍ଥରୁ କେତେ ପରିମାଣ ଖର୍ଚ୍ଚ କରିଛନ୍ତି ?

----

### ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରିବଟା ରୋକିବା

1325 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଭିନ୍ନ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ପଦାର୍ଥ ବ୍ୟାପକ କାରବାର ହୋଇଥିବା ଘଟଣା ସତ୍ୟ କି; ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରିବଟା ରୋକିବା ପାଇଁ ରାଜ୍ୟ ସରକାରୀ ଗତ ଦେଢ଼ ବର୍ଷ ମଧ୍ୟରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

### ରାଜ୍ୟରେ ଋଣ ଭାର

1326 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଏବଂ ଋଣ ଭାରରେ ବୁଡ଼ିଗଲାଣି କି ; ଗତ ୨୦୦୦ - ୨୦୦୧ ମସିହାରେ ରାଜ୍ୟର ଋଣ ଭାର କେତେ ଥିଲା ୨୦୨୫ -୨୬ ଆର୍ଥିକ ବର୍ଷ ଜାନୁଆରୀ ମାସ ସୁଦ୍ଧା କେତେ ଅଛି ; ନୂଆ ସରକାର ଆସିବା ପରେ କେତେ ଋଣ ଆଣିଛନ୍ତି ?

----

### ଏସ୍କୋର୍ଟ ବାବଦରେ ଅର୍ଥ ଖର୍ଚ୍ଚ

1327 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେ ଜଣ ଭି.ଆଇପି ଓ ଭି.ଭି.ଆଇପିଙ୍କୁ ପୋଲିସ ଏସ୍କୋର୍ଟ ପ୍ରଦାନ କରାଯାଉଛି, ତାହାର ଏକ ତାଲିକା ପ୍ରଦାନ କରିବେ କି ;ଏଥିପାଇଁ ପ୍ରତ୍ୟେକ ଦିନ ରାଜକୋଷରେ କେତେ ଅର୍ଥ ଖର୍ଚ୍ଚ ହେଉଛି ?

----

**ଆୟୁଷ୍ମାନ ଭାରତ ଯୋଜନାରେ ରୋଗୀ ସେବା**

1328 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୂର୍ବରୁ ରାଜ୍ୟର ସାଧାରଣ ଲୋକମାନେ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ସମସ୍ତ ପ୍ରକାର ରୋଗର ଚିକିତ୍ସା ସହ ସମସ୍ତ ଆବଶ୍ୟକ ଚିକିତ୍ସା ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ ପାଇଁ ପାରୁଥିଲେ କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଚଳିତ ଆୟୁଷ୍ମାନ ଭାରତ ଯୋଜନାରେ କିଛି ରୋଗ, ଚିକିତ୍ସା, ପ୍ରକ୍ରିୟା ଓ ଆବଶ୍ୟକ ଡ଼ାୟା ଗ୍ନୋଷ୍ଟିକ ପରୀକ୍ଷା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ ନ ହେବାରୁ ସାଧାରଣ ଲୋକମାନେ ବିଶେଷକରି ଗରିବ ଓ ମଧ୍ୟମ ବର୍ଗର ଲୋକମାନେ ଗୁରୁତର ଆର୍ଥିକ ଓ ମାନସିକ ଅସୁବିଧାର ସମ୍ମୁଖୀନ ହେଉଥିବାର ସରକାର କଣ ପଦକ୍ଷେପ ନେଉଛନ୍ତି ?

----

**ଆୟୁଷ୍ମନ ଭାରତ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅର୍ଥ ଖର୍ଚ୍ଚ**

1329 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୂର୍ବରୁ କାର୍ଯ୍ୟକାରୀ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (BSKY) ଅଧୀନରେ ସରକାର ପ୍ରତିମାସ କେତେ ଟଙ୍କା ବ୍ୟୟ କରୁଥିଲେ ଏବଂ ବର୍ତ୍ତମାନ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବାପରେ ପ୍ରତିମାସ କେତେ ଟଙ୍କା ସରକାରୀ ବ୍ୟୟ ହେଉଛି , ମାସିକ ଓ ବର୍ଗୱାରୀ ହିସାବ , ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅଂଶ, ଲାଭାନ୍ୱିତ ପରିବାର ଓ ରୋଗୀ ସଂଖ୍ୟା , ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟୟର ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବେ କି ?

----

**ଜରୁରୀ ସେବା ପାଇଁ ବେସରକାରୀ ଚିକିତ୍ସାରେ ICU Bed ସୁବିଧା**

1330 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ବେସରକାରୀ ଚିକିତ୍ସାଳୟରେ ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ICU Bed ଉପଲବଧ ନଥିବା ଦର୍ଶାଇ ଆବଶ୍ୟକ ଜୀବନରକ୍ଷାକାରୀ ଚିକିତ୍ସା ଦିଆଯାଉନଥିବା ସମ୍ବନ୍ଧରେ ଅଭିଯୋଗ ସରକାରଙ୍କ ନଜରକୁ ଆସିଛି କି; ଯଦି ହଁ ବିଗତ ବର୍ଷରେ ଏପରି ଅଭିଯୋଗ ମୃତ୍ୟୁ ଘଟଣାର ସଂଖ୍ୟା କେତେ ନ ମିଳିବା କାରଣରୁ ରୋଗୀମାନେ ଏକାଧିକ ଚିକିତ୍ସାଳୟ ଘୁରି ହଇରାଣ ହେଉଥିବା ଏବଂ ପ୍ରାଣହାନୀ ଘଟୁଥିବା ଘଟଣାକୁ ସରକାର କିପରି ଗମ୍ଭୀରତାର ସହ ବିଚାର କରୁଛନ୍ତି; Aysman Bharat/ Biju Swasthya Kalyan Yojana କାର୍ଡ଼ଧାରୀ ଗରିବ ରୋଗୀ ମାନଙ୍କୁ ICU Bed ନଥିବା ଦର୍ଶାଇ ଭର୍ତ୍ତି ନକରି ନଗଦ ରାଶି ପ୍ରଦାନ କରୁଥିବା ରୋଗୀଙ୍କୁ ICU ସୁବିଧା ଦିଆଯାଉଥିବା ଅଭିଯୋଗ ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

**Outsourcing ର କାର୍ଯ୍ୟରତ କର୍ମଚାରୀ**

1331 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୧୯ ମସିହାଠାରୁ ୨୦୨୪ ଅଗଷ୍ଟମାସ ପର୍ଯ୍ୟନ୍ତ ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ, ବିଭିନ୍ନ କ୍ଷେତ୍ର ସମୂହ, ନିଗମ, ବୋର୍ଡ଼ ଇତ୍ୟାଦିରେ ଓ Service Provider Agency ମାଧ୍ୟମରେ କେତେଜଣ Outsourcing କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା; ସେମାନଙ୍କ ମଧ୍ୟରୁ କେଉଁ କେଉଁ ବିଭାଗର ଦପ୍ତର ମାନଙ୍କରୁ କେତେଜଣଙ୍କୁ ଛଟେଇ ବା ସେବା ନିବୃତ୍ତ ପାଇଁ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଏଜେନ୍ସିମାନେ ନିର୍ଦ୍ଦେଶାନୁସାରେ ଛଟେଇ କରିଥିଲେ ସେ ବିଷୟରେ ସବିଶେଷ, ତଥ୍ୟ ପ୍ରଦାନ କରିବେ କି; ଛଟେଇ ହୋଇସାରିଥିବା କର୍ମଚାରୀଙ୍କ କେଉଁ ବିଭାଗରେ ଏବଂ କେଉଁ ପଦବୀରେ ନିଯୁକ୍ତ ହୋଇଥିଲେ ?

----

**ବେଆଇନ ଗାଡ଼ି ପାର୍କିଂରେ E-Challan କାର୍ଯ୍ୟ**

1332 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Odisha Motor Vehicle Rules & Traffic Enforcement Norms ଅନୁଯାୟୀ ବେଆଇନ ଗାଡ଼ି ପାର୍କିଂ ପାଇଁ ସମସ୍ତଙ୍କ ନିମନ୍ତେ ସମାନ ଭାବରେ ଚାଲାଣ କଟାଯାଇଥାଏ, ଗାଡ଼ି ରଖି ରାସ୍ତା ଅବରୋଧ କଲେ ସବୁ ଜାଗାରେ ନିରପେକ୍ଷ ଭାବରେ ବେଆଇନ ପାର୍କିଂ ପାଇଁ ଚାଲାଣ କଟାଯାଇଥାଏ VIIIMR- 2 ଠାରୁ VIIMR-06 AG ଛକରୁ Governor House ପର୍ଯ୍ୟନ୍ତ ଛକମଧ୍ୟରେ ରାସ୍ତା ଅବରୋଧ କରୁଥିବା କେତୋଟି ଗାଡ଼ିର e-Challen December - 2025 ଓ January - 2026 ରେ କଟାଯାଇଛି ଏବଂ କେତୋଟି ଗାଡ଼ିକୁ କ୍ରେନ ଯୋଗେ ଉଠାଇ ନିଆଯାଇଛି ତାର ଦୈନିକ ତଥ୍ୟ ପ୍ରଦାନ କରିବେ କି; ମାଳମାଳ ପୋଲିସ କର୍ମଚାରୀ ଟ୍ରାଫିକ ପୁଲିସଙ୍କ ଉପସ୍ଥିତିରେ C Mଙ୍କ ଘର ନିକଟରେ duty କରୁଥିବାବେଳେ ଗାଡ଼ିନମ୍ବର ସହିତ ସମସ୍ତ ଯାନର ବିବରଣୀ ପ୍ରଦାନ କରିବେ କି ?

----

## ରାଜ୍ୟରେ Homeopathic ଓ Ayurbedic ସ୍ୱାସ୍ଥ୍ୟ ସେବାର ସ୍ଥିତି

1333 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Homeopathic ଓ Ayurbedic ସ୍ୱାସ୍ଥ୍ୟ ସେବାର ସ୍ଥିତି କଣ କେତୋଟି Homeopathic Medical College & Hospital କେଉଁ କେଉଁ ସ୍ଥାନରେ ଅଛି କେତେଜଣ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଡ ପ୍ରଫେସର Homeopathic ମେଡ଼ିକାଲ କଲେଜ ମାନଙ୍କରେ Sanction Post ଅଛି, ଅଧୁନା Vacancy କେତେ ଅଛି;କେତେ ଛାତ୍ରଛାତ୍ରୀ Homeopathic କଲେଜରେ ପାଠପଢୁଛନ୍ତି ;କେତୋଟି PG Class ( Subject) ଚାଲୁଛି ଓ କେତୋଟି ଗବେଷଣା କେନ୍ଦ୍ର ଅଛି; କେତୋଟି Homeopathic Doctor Post ଖାଲିଅଛି ; ସେହିଭଳି Ayurbedic କଲେଜରେ କେତେ Student କେତେ ପ୍ରଫେସର, ଲେକଚର ଓ ଡ଼ାକ୍ତର ଅଛନ୍ତି କେତେ post ଖାଲିଅଛି କେତୋଟି ବିଷୟରେ କେଉଁ କେଉଁ Auurbedic College ମାନଙ୍କୁ PG ଶ୍ରେଣୀ ଅଛି, କେତେ Doctor Post ଖାଲିଅଛି ଓ ନୂତନ ନିଯୁକ୍ତି କେବେ ଦେବେ ?

----

## ଖାଲିଥିବା Home Guard ନିଯୁକ୍ତି

1334 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ବିଗତ ଦିନରେ 4 ହଜାରରୁ ଉର୍ଦ୍ଧ୍ୱ vacancy ଥିବା କନେଷ୍ଟବଳ ପଦବୀ ପୂରଣ ପାଇଁ approval ଦେଇଥିଲେ ମଧ୍ୟ କଲେଷ୍ଟବଳ ନିଯୁକ୍ତି ପରୀକ୍ଷା ପାଇଁ ଆଜିପର୍ଯ୍ୟନ୍ତ କୋଣସି ବିଜ୍ଞାପନ ପ୍ରକାଶ ପାଉନଥିବାର କାରଣ କଣ, ସେହିଭଳି ବହୁ SI ପଦ ପୂରଣ ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ ପାଇବେ କି ନାହିଁ, ଜଣାଇବା ସହ କେବେସୁଦ୍ଧା ନିଯୁକ୍ତି ପରୀକ୍ଷା ପାଇଁ ବିଜ୍ଞାପନ Home Guard (ହୋମଗାର୍ଡ) ସରକାର ନିଯୁକ୍ତି ଦେଇଛନ୍ତି, ଗତ 1 ବର୍ଷ ଭିତରେ ଆଉ କେତେ Home Guard ନିଯୁକ୍ତି ଦେବେ କହିବେ କି, ରାଜ୍ୟରେ ଖାଲିଥିବା fire service ବିଭାଗରେ କେତେ ପଦ କେଉଁ କେଉଁ ପଦ ଖାଲିଅଛି କେବେ ସୁଦ୍ଧା ପୁରଣ ହେବ?

----

## ଠିକା ସଂସ୍ଥା ଦ୍ୱାରା 108 ଆମ୍ବୁଲାନ୍ସ ସେବା

1335 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 108 ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ବିଭିନ୍ନ ସମୟରେ ଦାୟିତ୍ୱ ନେଉଥିବା ଠିକା ସଂସ୍ଥାମାନେ ଯେତେବେଳେ ପରିବର୍ତ୍ତନ ହେଉଛନ୍ତି ସେତେବେଳେ ପୁରୁଣା ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ନୂତନ ସଂସ୍ଥା ଛଟେଇ କରିବାର ନିୟମ କି ବ୍ୟବସ୍ଥା ସରକାର MOU ବେଳେ କହିଛନ୍ତି କି, ଯଦି ହଁ, ତେବେ କର୍ମଚାରୀଙ୍କ ପ୍ରତି ଅନ୍ୟାୟ କାହିଁକି, ଯଦି ନାଁ ତେବେ ଠିକା ସଂସ୍ଥା ଯିଏ କି ବର୍ତ୍ତମାନ ଦାୟିତ୍ୱରେ ଅଛି ସେହି ସଂସ୍ଥା ପୂର୍ବର ସଂସ୍ଥା ଦ୍ୱାରା ନିଯୁକ୍ତି କରିଥିବା 60/70 ଜଣ କର୍ମଚାରୀଙ୍କୁ ଛଟେଇ କରି ପ୍ରତି ବଦଳରେ ଅଣ ଓଡିଆ କର୍ମଚାରୀଙ୍କୁ ନିୟୋଜିତ କରିଥିବାରୁ ସରକାର ଉକ୍ତ କମ୍ପାନୀ (ବର୍ତ୍ତମାନ ଆମ୍ରି ଗ୍ରୀନ୍ ସର୍ଭିସ୍) କୁ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବେ କି ?

----

## ବିଭିନ୍ନ ମେଡିକାଲ କଲେଜରେ PG ସିଟ୍ ବଢାଇବା

1336 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ମେଡିକାଲ କଲେଜର କେଉଁ ବିଭାଗରେ କେତୋଟି PG ସିଟ୍ ବଢିବ ବୋଲି ସରକାରସ୍ଥିର କରିଛନ୍ତି, ଏହି ତାଲିକାରେ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜର ନାଁ ଅଛି ନା ନାହିଁ, ଏହି ମେଡିକାଲ କଲେଜର ପୂର୍ବରୁ ପ୍ରତି ବିଭାଗରେ 2ଟି, ENT ବିଭାଗରେ 2ଟି, ନିଶ୍ଚେତକ ବିଭାଗରେ 1ଟି PG ସିଟ୍ ପାଇଁ ଅନୁମୋଦିତ ହୋଇଥିବା କଥା ଶୁଣାଯାଉଛି, ମାତ୍ର କାର୍ଡିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଆଖି, PMR, ଗ୍ରାଷ୍ଟ୍ରୋଏଣ୍ଟେରୋଲୋଜି ଆଦି ବିଭାଗରେ PG କୋଲିବାକୁ ଦିଆଯାଇଥିବା ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି କି ?

----

## ବାଲେଶ୍ୱରଠାରେ ଏକ ଆୟୁର୍ବେଦିକ ମହାବିଦ୍ୟାଳୟ ପ୍ରତିଷ୍ଠା

1337 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଉତ୍ତର ଓଡିଶାର ମୟୂରଭଞ୍ଜର ବାରିପଦାଠାରେ ପ୍ରତିଷ୍ଠିତ ଏକମାତ୍ର ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟ ବନ୍ଦ ପାଇଁ ଦାୟୀ କିଏ, 1983 ରୁ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ନ କରି ରାଇରଙ୍ଗପୁରଠାରେ ନୂତନ ଆୟୁର୍ବେଦିକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ କଣ, (ଖ) ବାଲେଶ୍ୱରଠାରେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି କି, ଏ ଦିଗରେ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ରାଜ୍ୟରେ ହୋଇଥିବା ହତ୍ୟା ଓ ଅପହରଣ

1338 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ମହିଳା ହିଂସା, ଅସଦାଚରଣ, ଦୁଷ୍କର୍ମ, ହତ୍ୟା, ଅପହରଣ, ହତ୍ୟା ଉଦ୍ୟମ, ଡକାୟତି, ରାହାଜାନି, ଡକାୟତି, ଦଙ୍ଗା, ଚୋରି ଭଳି ଅପରାଧମୂଳକ ଘଟଣା ଘଟିଛି ଏହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) 2023 ଜାନୁଆରୀରୁ 2024 ମେ ମାସ ପର୍ଯ୍ୟନ୍ତ ରାଜ୍ୟରେ ଏହିସବୁ ଅପରାଧର ଜିଲ୍ଲାୱାରୀ ସଂଖ୍ୟା ଓ ବିବରଣୀ ପ୍ରଦାନ କରିବେ କି ?

----

**ରାଜ୍ୟରେ ଥିବା ମେଡ଼ିକାଲ College ଓ ହସ୍ପିଟାଲ**

1339 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ତିନୋଟି ପ୍ରମୁଖ ମେଡିକାଲ କଲେଜ ଓ ହସ୍ପିଟାଲ ବାଦ୍, ଅନ୍ୟ ଯେତେସବୁ ମେଡିକାଲ କଲେଜ ଓ ହସ୍ପିଟାଲ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା କରାଯାଇଛି, ସେସବୁ କେଉଁ ହସ୍ପିଟାଲ ସହିତ ସହବନ୍ଧିତ ହୋଇଛି ଓ କେଉଁଠାରେ ସ୍ଥାପିତ ହୋଇଛି, ତା'ର ଏକ ମେଡିକାଲ କଲେଜୱାରୀ ବିବରଣୀ ପ୍ରଦାନ କରିବେ କି; (ଖ) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯେଉଁ ଯୋଜନା ମାଧ୍ୟମରେ ଏସବୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରତିଷ୍ଠା କରାଯାଇଛି ତାର ତଥ୍ୟ ପ୍ରଦାନ କରିବେ କି ; ଉପରୋକ୍ତ ପ୍ରତିଷ୍ଠାନ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ମଧ୍ୟରୁ କେତେ ଲେଖାଏଁ ଅଂଶ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବହନ କରିଛନ୍ତି ?

----

**ଅର୍ଥ ବ୍ୟୟ ବରାଦର ଖର୍ଚ୍ଚ**

1340 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ସପକ୍ଷରେ କେତେ ଅର୍ଥର ବ୍ୟୟ ବରାଦ ଓ କରାଯାଇଥିଲା ଓ ଜାନୁୟାରୀ ମାସ ଶେଷ ସୁଦ୍ଧା ଉକ୍ତ ବରାଦର କେତେ ଶତାଂଶ ଖର୍ଚ୍ଚ ହୋଇଛି, ତା'ର ଏକ ବିଭାଗ ୱାରୀ ବିବରଣୀ ପ୍ରଦାନ କରିବେ କି; (ଖ) ଯଦି ଉପରୋକ୍ତ ଖର୍ଚ୍ଚ ହାର, ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ନୈରାଶ୍ୟଜନକ ହୋଇଥାଏ, ତା'ର କାରଣ କ'ଣ ରହିଛି ଜଣାଇବେ କି; ଅନୁମୋଦିତ ବ୍ୟୟ ଅଟକଳରେ ବିଭିନ୍ନ ବିଭାଗ ସପକ୍ଷରେ ବ୍ୟୟ ବରାଦ ହୋଇଥିଲେ ହେଁ, ବାସ୍ତବ ପକ୍ଷେ ଅର୍ଥାଭାବରୁ ଅର୍ଥ ଆବଣ୍ଟିତ ହୋଇ ପାରିନଥିବା, ଏପରି ନୈରାଶ୍ୟଜନକ ପ୍ରଦର୍ଶନର ପ୍ରମୁଖ କାରଣ କି ନାହିଁ ?

----

**ଖାଲିପଡ଼ିଥିବା ମଞ୍ଜୁରପ୍ରାପ୍ତ ଅଧ୍ୟାପକ ,ବିଶେଷଜ୍ଞ ପଦବୀ ପୂରଣ**

1341 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝରେ ଜିଲ୍ଲାରେ Medical College and Hospital ସମେତ DHH ଏବଂ ଅନ୍ୟାନ୍ୟ CHC, PHC ମାନଙ୍କରେ କେତେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ, ବିଶେଷଜ୍ଞ ଓ ଡାକ୍ତର ପଦବୀ ଖାଲିପଡିଛି ; ଅନୁଷ୍ଠାନୱାରୀ ତା'ର ଏକ ତାଲିକା ପ୍ରଦାନ କରିବେ କି ;ଏ Vacancy ସବୁ ପୂରଣ କରିବା ପାଇଁ ସରକାର କି ପ୍ରୟାସ କରୁଛନ୍ତି ଏବଂ କେବେସୁଦ୍ଧା ଏ Vacancy ସବୁ ପୂରଣ ହେବ ?

----

**ଆୟୁଷ ଡ଼ାକ୍ତରଙ୍କ ଦାବୀ ପୂରଣ**

1342 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆୟୁଷ ଡାକ୍ତରମାନେ କେଉଁ କେଉଁ ଦାବି ନେଇ ବାରମ୍ବାର ଆନ୍ଦୋଳନ କରୁଛନ୍ତି ଜଣାଇବେ କି ; ସେଗୁଡିକ ମଧ୍ୟରୁ କେଉଁଗୁଡିକ ପ୍ରମୁଖ ଦାବି ; ସରକାର ଅଦ୍ୟାବଧି ସେମାନଙ୍କର କେଉଁ କେଉଁ ଦାବି ପୂରଣ କରିଛନ୍ତି ବା ପୁରଣ କରିବାର ନିଷ୍ପତ୍ତି କରିଛନ୍ତି ?

----

**Funds Estimated & Received from Central Govt.**

1343 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) How much funds were estimated & received from Central Govt towards Gran-in - aid, Central sponsored scheme, debt, state share on Tax revenue during 2024 - 25 and 2025 - 26 ; Will the Govt. furnish the information component wise/ scheme wise including total estimated and received including percentage; (b) What are the calculated estimated funds to be received by the State Govt from Central Govt Towards Central assistance i.e Grant-in-aid, Central sponsored scheme, State share on Tax revenue, debt and other component during 2025 - 26 year and will the Govt furnish details thereon?

----

**Violance against Women & Minor Girls**

1344 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Howmany cases of violance against Women & Minor girls have been taken place in the State in the year 2024 and 2025; Will the Govt provide information district wise & offence wise/ Crime wise along with action taken status report, percentage of conviction and measures taken by department to ensure Justice and compensation to victims ?

----

**Medical Infrastructure / equipment installed**

1345 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are facilities to be provided to patients after ongoing upgradation work of SCB MCH, Cuttack to AIIMS plus status & facilities are completed; Will the Govt furnish the details of Medical Infrastructure/equipment to be installed along with budget component earmarked in the project ?

----

**CHC ର X-Ray Machine ର ବ୍ୟବସ୍ଥା**

1346 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ମ୍ବା ଏବଂ ମାଣିଆବନ୍ଧ,CHC ର ନରସିଂହପୁର CHC ରେ X -Ray Machine ବହୁତ ଦିନ ହେଲା ନଥିବା ଯୋଗୁଁ ଆସୁଥିବା ରୋଗୀଙ୍କ ସେମାନେ ବ୍ୟାଘାତ ସୃଷ୍ଟି ହେଉଛି ତେଣୁ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦେବାପାଇଁ X -Ray Machine ର ସରକାର ଯଥାଶୀଘ୍ର ବ୍ୟବସ୍ଥା କରିବେ କି ?

----

**ପେଟ୍ରୋଲ ଓ ଡ଼ିଜେଲ ଉପରୁ GST ହ୍ରାସ**

1347 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାର କେଉଁ ଦ୍ରବ୍ୟ ଉପରୁ ହ୍ରାସ ଓ ଛାଡ଼ କରିବା ନିମନ୍ତେ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି କି ; ପେଟ୍ରୋଲ ଓ ଡ଼ିଜେଲ ଉପରୁ GST ହ୍ରାସ ନିମନ୍ତେ ସରକାର ବିଚାର କରିବେ କି ?

----

**Major Schemes Programmers & Activities of Health & Family Welfare**

1348 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the Major schemes, programmes and activities of Health and Family Welfare Department being implemented separetely by the Central Government, State Government or both in the State and indicate the ratio of funds sharing thereof, committed allocation of Centre and actual receipt by the State during last three Financial year including the current Financial year ?

----

**IEC କାର୍ଯ୍ୟକ୍ରର ଅର୍ଥ ଖର୍ଚ୍ଚ**

1349 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷରେ କେଉଁ ବିଭାଗର ବଜେଟରେ ପ୍ରଶାସନିକ ଖର୍ଚ୍ଚ ଓ ଯୋଜନା ବାବଦକୁ କେତେ ଅର୍ଥ ମଞ୍ଜୁର କରାଯାଇଥିଲା, ଅଦ୍ୟାବଧି ସେଥିରୁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଅଛି, ତତ୍ ସମ୍ବନ୍ଧୀୟ ସବିଶେଷ ବିଭାଗରୀ ତଥ୍ୟ ପ୍ରଦାନ କରିବେ କି; ବିଭିନ୍ନ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କେଉଁ ବିଭାଗ ଦ୍ୱାରା କେତେ ଟଙ୍କା IEC କାର୍ଯକ୍ରମରେ ଖର୍ଚ୍ଚ କରାଯାଇଛି ତାର ଯୋଜନାୱାରୀ ତଥ୍ୟ ପ୍ରଦାନ କରିବେ କି?

----

**ଆନ୍ତଃରାଜ୍ୟ ଅପରାଧିମାନଙ୍କ ଗତିବିଧି ନିରୀକ୍ଷଣ**

1350 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୀମାନ୍ତବର୍ତ୍ତୀ ମୟୁରଭଞ୍ଜ ଜିଲ୍ଲା ଆନ୍ତଃରାଜ୍ୟ ଅପରାଧିମାନଙ୍କ ଗତିବିଧି ନିରୀକ୍ଷଣ କରି ସେମାନଙ୍କ ଅପରାଧ ଦମନ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ; ମୟୁରଭଞ୍ଜ ଜିଲ୍ଲା ଜାତୀୟ ରାଜପଥ ମାନଙ୍କରେ ଅପରାଧୀମାନଙ୍କ ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ପ୍ରକାଶ କରି ରାତ୍ରିକାଳୀନ ଅପରାଧ ରୋକିବାକୁ ରାତିରେ ଚଳାଚଳ କରୁଥିବା ବ୍ୟକ୍ତିମାନଙ୍କୁ ନିଜ ପାଖରେ ପରିଚୟପତ୍ର ରଖିବାକୁ ସଚେତନତା ସୃଷ୍ଟି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## CHC ଓ PHC ରେ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ

1351 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ମଣ୍ଡଳୀ ଅନ୍ତର୍ଗତ CHCଏବଂ PHC ରେ କେଉଁ କେଉଁ ବିଭାଗର କେତୋଟି ଡ଼ାକ୍ତର ପଦବୀ ରହିବା କଥା, ବର୍ତ୍ତମାନ କେତେଜଣ ଡ଼ାକ୍ତର କାର୍ଯ୍ୟ କରୁଛନ୍ତି ନାମ ସହ ତାଲିକା ଓ ମୋବାଇଲ ଦେବେ କି ; ଖାଲିଥିବା ଡ଼ାକ୍ତର ପଦବୀ କେବେ ସୁଦ୍ଧା ପୂରଣ କରାଯିବ; ଏହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବା ସହିତ ପ୍ରସ୍ତାବିତ ଥିବା ବାଙ୍ଗିରିପୋଷି ଟ୍ରମାକେର ଓ ବିଧାୟକ ଦେଇଥିବା ପ୍ରସ୍ତାବ ଚାନ୍ଦୁଆ PHC କୁ ୨୪ x ୭ ଉପରେ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ଓ ଏହା କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ?

----

## ନାରୀ ନିର୍ଯ୍ୟାତନା ରୋକିବାକୁ ପଦକ୍ଷେପ

1352 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- - ଓଡ଼ିଶାରେ ନାରୀ ନିର୍ଯ୍ୟାତନା, ନାରୀ ଦୁଷ୍କର୍ମ ରୋକିବାପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ପଦକ୍ଷେପ

1353 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନିଗୋଟି ବ୍ଲକର ବିରିଡ଼ି, ରଘୁନାଥପୁର ଏହି ଦୁଇ ଗୋଟି ବ୍ଲକର ସମସ୍ୟା ଯଥା ବିରିଡ଼ି ବ୍ଲକ 22 mouja ସ୍ଥିତ ପୂରଣ ପଞ୍ଚାୟତରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏକ ଫାଣ୍ଡି ବ୍ୟବସ୍ଥା କରିବା ପାଇଁ କେବେ ପଦକ୍ଷେପ ନିଆଯାଉଛି ଏବଂ ଏହା କେତେ ଦିନ ଭିତରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଛି, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ ଏବଂ ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତରେ ଫାଣ୍ଡି ହେବା ପାଇଁ କଣ ଯୋଜନା ରହିଛି ?

----

## କିଡନି ବା ବୃକକ ରୋଗରେ ଆକ୍ରାନ୍ତ ରୋଗୀ

1354 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଜନସଂଖ୍ୟା ମଧ୍ୟରେ ଦୀର୍ଘସ୍ଥାୟୀ କିଡ୍‌ନି ବା ବୃକକ୍ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୧୪% ବୋଲି ଆକଳନ କରାଯାଇଛି; ସେଥି ମଧ୍ୟରୁ ପ୍ରାୟ ୧୦% ଡାଏଲିସିସ୍ ରୋଗୀ ଅଛନ୍ତି ଓ ବାକି ପ୍ରାୟ ୯୦% ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛନ୍ତି; ତେଣୁ ସେହି ରୋଗୀ ମାନଙ୍କ ପାଇଁ Proper Monitoring and Preventive Care ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## କେନ୍ଦ୍ରିୟ ଟିକସରୁ ରାଜ୍ୟ ଅଂଶ

1355 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ Flagship Scheme ମାନଙ୍କ ମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷର ଫେବୃଆରୀ - ୨୦୨୬ ପର୍ଯ୍ୟନ୍ତ କେଉଁ କେଉଁ ଯୋଜନାର ବ୍ୟୟହାର ସବୁଠାରୁ କମ୍ ଅଛି ଏବଂ ତାକୁ ଦ୍ରୁତ ହାରରେ ବୃଦ୍ଧି କରିବା ପାଇଁ ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି; ଏଥି ସହିତ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଭାବରେ ଆମ ରାଜ୍ୟକୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ କେତେ ଅନୁଦାନ ମିଳିବା କଥା ଏବଂ ବର୍ତ୍ତମାନ ସୁଦ୍ଧା କେତେ ଅନୁଦାନ ଆମ ରାଜ୍ୟ ପାଇଛି

----

## ସରଭାଇକାଲ କ୍ୟାନସର ଟିକା ତିନୋଟି ଡ଼ୋକ୍ ଦେବା

1356 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗର୍ଭାଶୟ କର୍କଟ ବା ସର୍ଭାଇକାଲ୍ କ୍ୟାନ୍ସରରେ ପୀଡ଼ିତ ରୋଗୀଙ୍କ ହାର ରାଜ୍ୟରେ ବଢୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବା ଏବଂ ପ୍ରତିଷେଧକ ବ୍ୟବସ୍ଥା ପାଇଁ ସରକାର ବିନା ମୂଲ୍ୟରେ ୯ରୁ ୧୪ବର୍ଷ ବୟସ ମଧ୍ୟରେ ଥିବା କିଶୋରୀ ମାନଙ୍କୁ HPV (Human Papillomavirus Vaccine) ବା ସର୍ଭାଇକାଲ୍ କ୍ୟାନ୍ସର ଟିକାର ଦୁଇଟି ଡୋକ୍ ପ୍ରଦାନ କରିବାକୁ ସ୍ଥିର କରିଛନ୍ତି କିନ୍ତୁ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ୧୫ ବର୍ଷରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ଝିଅପିଲା ଏବଂ ମହିଳାମାନଙ୍କ ପାଇଁ ସର୍ଭାଇକାଲ୍ କ୍ୟାନ୍ସର ଟିକାର ତିନୋଟି ଡୋକ୍ ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ସୋରୋ ଠାରେ SDPO ଅଫିସ ପ୍ରତିଷ୍ଠା

1357 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ ସଂଖ୍ୟା U.D. 1227 ତା. 22.09.2025 ରିଖରେ ପଚରାଯାଇ ଥିବା ପ୍ରଶ୍ନର ଉତ୍ତରରେ ସୋରୋଠାରେ SDPO ଅଫିସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ନାହିଁ ଦର୍ଶାଇଥିଲେ କିନ୍ତୁ ଭୌଗଳିକ ଦୃଷ୍ଟିକୁ ଆଖିଆଗରେ ରଖି ସୋରୋ ଠାରେ SDPO ଅଫିସ ସ୍ଥାପନ ପାଇଁ ପଦକ୍ଷେପ ନେବେ କି, ଗତ 1 ବର୍ଷ ମଧ୍ୟରେ ସୋରୋ ନିର୍ବାଚନ ମଣ୍ଡଳୀରେ ଅତ୍ୟଧିକ ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଅଧିକ Police କର୍ମଚାରୀ ନିୟୋଜିତ କରାଇବା ସହ ଉକ୍ତ ଖାଲି ପଡିଥିବା ପଦ ପଦବୀ ଗୁଡିକୁ କେବେ ସୁଧା ପୂରଣ କରିବେ ତାହାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବେ କି; ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥାନା ଓ ଫାଣ୍ଡିରେ କେତେଗୋଟି SI, ASI ଓ Constable ପଦବୀ ଖାଲି ପଡିଛି ତାର ଏକ ତାଲିକା ଥାନାୱାରୀ ଓ ଫାଣ୍ଡିୱାରୀ ପ୍ରଦାନ କରିବେ କି, (ଖ ) ଅନନ୍ତପୁର ଥାନାର ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ବି ଉକ୍ତ ଗୃହକୁ କେବେ ଲୋକଙ୍କ ସେବା ଉଦେଶ୍ୟରେ ଲୋକାର୍ପଣ କରିବାର ବିଳମ୍ବର କାରଣ କଣ ତାହାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବେ କି ଓ ଉକ୍ତ ଥାନା ଗ୍ରାମାଞ୍ଚଳରେ ଅବସ୍ଥିତ ଏଣୁ ଏକ ଗାଡି ରାତ୍ରି ପେଟ୍ରୋଲିଙ୍ଗ ପାଇଁ ପ୍ରଦାନ କରିବେ କି?

----

### ସୋରୋ CHCରେ ଟ୍ରମା care centre facility

1358 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ ସଂଖ୍ୟା U.D. 2603 ତା.08.12.2025 ରିଖରେ ପଚରାଯାଇ ଥିବା ପ୍ରଶ୍ନର ଉତ୍ତରରେ ସୋରୋ ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ସୋରୋ CHC ରେ ଟ୍ରମା care Centre ରେ ଦୁର୍ଘଟଣା ଜନିତ ବ୍ୟକ୍ତି ଆସିଲେ ଉପଲବ୍ଧ facility ଅନୁସାରେ ଚିକିତ୍ସା କରାଯାଉଛି, ଆବଶ୍ୟକୀୟ ଯନ୍ତ୍ରପାତି ଓ ମାନବ ସମ୍ବଳର ବ୍ୟବସ୍ଥା କରାଯାଉଅଛି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ବର୍ତ୍ତମାନର status କଣ; ଏବଂ କେବେ ସୁଦ୍ଧା ଆବଶ୍ୟକୀୟ ଯନ୍ତ୍ରପାତି ଓ ଆବଶ୍ୟକୀୟ ମାନବ ସମ୍ବଳର ବ୍ୟବସ୍ଥା କରାଯିବ ସହିତ ଟ୍ରମା care centre ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯିବ ?

----

### ଛାତ୍ର ଛାତ୍ରୀଙ୍କୁ ଔଷଧ ବିତରଣ

1359 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ର ବିଭିନ୍ନ ହସ୍ପିଟାଲ ଓ ବାଲେଶ୍ୱର ମେଡିକାଲ କଲେଜ୍ କୁ ବିଭାଗ ର OSMCL ସଂସ୍ଥା ଦ୍ୱାରା ଗତ 2020-21 ରୁ 2025-26 ପର୍ଯ୍ୟନ୍ତ କେତେ ଅର୍ଥ ରାଶି ର ସ୍ୱାସ୍ଥ୍ୟ ଉପକରଣ କେଉଁ କେଉଁ ହସ୍ପିଟାଲକୁ ଯୋଗାଇଦିଆଯାଇଛି ବର୍ଷ ୱାରୀ ହସ୍ପିଟାଲ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ଉପକରଣର ସୁବ୍ୟବସ୍ଥା ପାଇଁ ବିଭାଗ ଦ୍ୱାରା କେଉଁ କେଉଁ ପଦକ୍ଷେପ ନିଆଯିବା ସହିତ ବର୍ତ୍ତମାନ ସୁଦ୍ଧା ଉପକରଣ ବ୍ୟବହାର କରାଯାଉଅଛି; (ଖ) ଆର୍ଥିକ ବର୍ଷ 2024-25 ଠାରୁ ଆଜି ପର୍ଯ୍ୟନ୍ତ ସୋରୋ ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ମାନଂକୁ କେତେ ଟଙ୍କାର ଔଷଧ ବିତରଣ କରାଯାଇଅଛି, ବିଦ୍ୟାଳୟ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ drugs inspector, balasore ଗତ 1 ବର୍ଷ ମଧ୍ୟରେ ସୋରୋ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବିଦ୍ୟାଳୟକୁ ଯୋଗାଇ ଦିଆଯାଉଥିବ ଔଷଧର ମାନ କେତେ ଥର ଯାଞ୍ଚ କରିଛନ୍ତି କି, ଯଦି ହଁ ତେବେ ଯାଞ୍ଚ ତାରିଖ ସହିତ ବିଦ୍ୟାଳୟର ତଥ୍ୟ ପ୍ରଦାନ କରିବେ କି ଓ କୌଣସି expiry ଔଷଧ ପ୍ରଦାନ କରିବାର ଅଭିଯୋଗ ଅଛି କି; ଯଦି ହଁ ତେବେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

### ପୋଲିସ ବିଭାଗର ଖାଲିଥିବା ପଦବୀ ପୂରଣ

1360 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶା ପୋଲିସ୍ ବିଭାଗରେ ହଜାର ହଜାର ପଦବୀ ଖାଲି ଥିବାରୁ ଆଇନ ଶୃଙ୍ଖଳା ରକ୍ଷା ଗୁରୁତର ଭାବେ ପ୍ରଭାବିତ ହେଉଛି; ବର୍ତ୍ତମାନ ପୋଲିସ୍ ବିଭାଗରେ ସ୍ୱୀକୃତ ପଦବୀ ଓ ଖାଲି ପଦବୀ ସଂଖ୍ୟା କେତେ? ଏହି ଖାଲି ପଦବୀ ପୁରଣ ପାଇଁ ସରକାର କେବେ ସୁଦ୍ଧା ସମୟସୀମା ଧାର୍ଯ୍ୟ କରିଛନ୍ତି ?

----

### ସ୍ୱାସ୍ଥ୍ୟବୀମା ଥିଲେ ମଧ୍ୟ ରୋଗୀ ସେବାରୁ ବଞ୍ଚିତ

1361 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡ଼ିକ ଥିବା ସତ୍ତ୍ୱେ ଗରିବ ଓ ଆଦିବାସୀ ପରିବାରମାନେ ଚିକିତ୍ସା ପାଇଁ ବେସରକାରୀ ହସ୍ପିଟାଲ୍‌ରେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ସରକାରୀ ତଥ୍ୟ ଅନୁସାରେ କେତେ ଲୋକ ଏହି ବୀମା ଯୋଜନାରୁ ପ୍ରକୃତରେ ଲାଭାନ୍ୱିତ ହୋଇଛନ୍ତି, କେତେ ଦାବି ଖାରଜ ହୋଇଛି ଏବଂ କେତେ ବେସରକାରୀ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

### Resident plots allotted by GA & PG Deptt

1362 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many residential plots allotted by G.A. & P.G. Deptt. in Drawing No. B-361, Drawing No. B-360, Drawing No. B-371, Drawing No. B-372, Drawing No. B-1082, Drawing No. B-1083 of Mouza-Ghatikia, Bhubaneswar and Drawing No. B/367 of Mouza-Bharatpur have been regularised by G.A. & P.G. Deptt.

by accepting differential premium, ID cost, fees and fines from the year 2020 to January 2026; The detail plot nos., date of possession, date of execution of Lease Deed Nos. etc. in detail be furnished?

----

### କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା

1363 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ପାଇଁ କି ନୂତନ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

### ଡ଼ାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ

1364 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉତ୍କଟ ଡାକ୍ତର ଅଭାବ ହେତୁ ରୋଗୀସେବା ବିପର୍ଯ୍ୟସ୍ତ ହେଉଥିବା ପରିପ୍ରେକ୍ଷୀରେ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ୧୮୪୧ଜଣ ଡାକ୍ତରଙ୍କର ଚୟନ ପ୍ରକ୍ରିୟା ଏବଂ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟା ବହୁଦିନ ହେବ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶନ କରି ସେମାନଙ୍କୁ ନିୟୋଜନ ନିମନ୍ତେ କାଳକ୍ଷେପଣ ନୀତି ଅବଲମ୍ବନ କରାଯିବାର କାରଣ କ'ଣ ପ୍ରକାଶ କରି ସେମାନଙ୍କୁ କେବେସୁଦ୍ଧା ନିୟୋଜନ କରାଯିବ ?

----

### ପେନସନ ଭୋଗୀଙ୍କୁ ସ୍ୱାସ୍ଥ୍ୟବୀମା ଭୁକ୍ତ କରିବା

1365 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅବସରପ୍ରାପ୍ତ ପେନ୍ସନ୍ ଭୋଗୀ ସରକାରୀ କର୍ମଚାରୀମାନଙ୍କୁ ସେମାନେ ଯେଉଁ ବ୍ୟାଙ୍କରୁ ପେନ୍ସନ୍ ଗ୍ରହଣ କରୁଛନ୍ତି, ସେହି ବ୍ୟାଙ୍କ ତରଫରୁ ସେମାନଙ୍କୁ ସ୍ୱାସ୍ଥ୍ୟବୀମାଭୁକ୍ତ କରି ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

### ଭଦ୍ରକ ଜିଲ୍ଲାରେ Cyber Police Station ସ୍ଥାପନ

1366 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାଇବର ଠକେଇ, ଅନଲାଇନ ଠକ, ଫୋନ-ଫିଶିଙ୍ଗ, UPI ଠକେଇ ଓ ବ୍ୟାଙ୍କ ଠକେଇ ଘଟଣାଗୁଡିକ ପାର୍ଶ୍ୱତଃ ଅଭୂତପୂର୍ବ ଭାବେ ବଢୁଥିବାରୁ ସାଧାରଣ ଜନସାଧାରଣଙ୍କ hard earned ସଞ୍ଚୟ କିଛି ମିନିଟ୍‌ରେ ଠକବାଜମାନଙ୍କ ହାତକୁ ପହଞ୍ଚୁଅଛି; ବିଶେଷତଃ ଭଦ୍ରକ ଜିଲ୍ଲାରେ ସାଇବର ଠକେଇ ଅଭିଯୋଗ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନସାଧାରଣ ମଧ୍ୟରେ ଗଭୀର ଅସନ୍ତୋଷ ଓ ଭୟ ସୃଷ୍ଟି ହୋଇଛି; ଏହି ଗୁରୁତର ଓ ଚିନ୍ତାଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଘୋଷଣା କରିଥିବା ଏକ ଜିଲ୍ଲା — ଏକ Cyber Police Station' ପ୍ରକଳ୍ପ କେବେ ପ୍ରତ୍ୟେକ ଜିଲ୍ଲାରେ, ବିଶେଷକରି ଭଦ୍ରକରେ, ପୂରା ରୂପେ କାର୍ଯ୍ୟକ୍ଷମ ହେବ; ଏହାସହିତ ପ୍ରତ୍ୟେକ ଜିଲ୍ଲାରେ - ଭଦ୍ରକ ସହିତ - ଆଧୁନିକ ଉପକରଣ, ପ୍ରଶିକ୍ଷିତ ମାନବଶକ୍ତି ଓ 24x7 ଟେକ୍‌ନିକାଲ୍ ସପୋର୍ଟ ସହିତ ପୂର୍ଣ୍ଣ ସୁବିଧାସମ୍ପନ୍ନ Cyber Crime Investigation Unit କେବେ ଚାଲୁ କରାଯିବ?

----

### କର୍କଟ ରୋଗର ନିରାକରଣ ପାଇଁ ପଦକ୍ଷେପ

1367 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସମୟରେ କର୍କଟ ରୋଗ ଏକ ଗଭୀର ଉଦବେଗର ବିଷୟ ହୋଇପଡ଼ିଛି ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ପ୍ରକୋପ ଦ୍ରୁତ ଗତିରେ ବଢୁଥିବା ପରିପ୍ରେକ୍ଷିତ, କର୍କଟ ରୋଗର ପ୍ରତିରୋଧ, ସମୟୋପଯୁକ୍ତ ଟୀକାକରଣ, ନିୟମିତ ସ୍କ୍ରିନିଂ ଏବଂ ସଚେତନତା ବୃଦ୍ଧି ପାଇଁ ରାଜ୍ୟ ସରକାର ପକ୍ଷରୁ କୌଣସି ବିଶେଷ ପ୍ରସ୍ତାବ କିମ୍ବା କାର୍ଯ୍ୟଯୋଜନା ଗ୍ରହଣ କରାଯାଇଛି କି; ଯଦି ହଁ, ତେବେ ସେହି ପ୍ରସ୍ତାବଗୁଡ଼ିକ କେବେଠୁ ଲାଗୁ କରାଯାଇଛି ଓ ସେମାନଙ୍କ ମଧ୍ୟରୁ ମୁଖ୍ୟ ପଦକ୍ଷେପ ସମ୍ବନ୍ଧୀୟ ପ୍ରସ୍ତାବନା କ'ଣ କ'ଣ ; ଏହା ସହିତ, ରାଜ୍ୟ ସରକାର କର୍କଟ ରୋଗର ପ୍ରକୋପ ହ୍ରାସ ଓ ନିରାକରଣ ପାଇଁ ବିଶେଷ ଭାବରେ କୌଣସି ଯୋଜନା, ବିଧି ବ୍ୟବସ୍ଥା କିମ୍ବା ପ୍ରାଥମିକତା ଆଧାରିତ କାର୍ଯ୍ୟପ୍ରଣାଳୀ ଗ୍ରହଣ କରିଛନ୍ତି କି?

----

### ଆଉଟସୋର୍ସିଙ୍ଗ କର୍ମଚାରୀ ନିମନ୍ତେ ବିଧି ବ୍ୟବସ୍ଥିତ ଆଇନ ପ୍ରଣୟନ

1368 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଥିବା କନ୍ଧମାଳ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ବିଭିନ୍ନ ସଂସ୍ଥା ମାଧ୍ୟମରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ଓ କିନ୍ତୁ ଏହି କର୍ମଚାରୀ ମାନଙ୍କ ମନରେ ଅଯଥା ଛଟେଇ ହେବାର ଭୟ ସର୍ବଦା ଦେଖିବାକୁ ମିଳୁଛି ଓ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ନିମନ୍ତେ ଏକ ବିଧି ବ୍ୟବସ୍ଥିତ ଆଇନ ପ୍ରଣୟନ କରିବେ କି ?

----

### ଡ଼ାକ୍ତର ଅଭାବ ଓ ଯନ୍ତ୍ରପାତି ଅଭାବ ଯୋଗୁଁ ରୋଗୀ ଅନ୍ୟ ମେଡ଼ିକାଲ ରେଫର

1369 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କନ୍ଧମାଳ ଜିଲ୍ଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତର ଅଭାବ, ଯନ୍ତ୍ରପାତିର ଅଭାବ ଯୋଗୁଁ ସାଧାରଣ ଦେହ ଖରାପ ହେଲେ ମଧ୍ୟ ରୋଗୀଙ୍କୁ ବ୍ରହ୍ମପୁର, କଟକ ମେଡିକାଲକୁ ରେଫର କରିଦିଆଯାଉଅଛି, ଫଳରେ ଆର୍ଥିକ ମାନଦଣ୍ଡ ତଳେ ଚଳୁଥିବା ଜନସାଧାରଣ ହଇରାଣ ହେଉଛନ୍ତି କନ୍ଧମାଳର ଏହି ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

### Number of gun licences issued

1370 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (a) The number of gun licences issued in the State to MLAS, MPs, ex-MLAs, ex-MPs and other public representatives, as well as to the general public along with the names of the licence holders; (b) whether any criminal cases are registered against such licence holders, with details of FIRs, case category, nature of offences and the number of cases pending against each and the instructions, circulars or notifications issued by the Home Department governing the grant and rejection of gun licence applications ?

----

### Developing an IT/ITES Knowledge Park

1371 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) whether 990 acres at Naraj, Cuttack were earmarked in 2010 for a Tech/Knowledge Park and later proposed in 2015 for an Electronics Manufacturing Park and whether institutions like NISER and IIM were also initially planned there; (b) despite assured water from the Mahanadi and strong multimodal connectivity, why these projects were shifted and will the govt. consider developing an IT/ITES Knowledge Park or a sunrise Electronics Manufacturing SEZ on the said 990 acres at Naraj ?

----

### ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ପରିଣତ

1372 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବର୍ତ୍ତମାନ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରର ଅଗ୍ରଗତି ନିମନ୍ତେ ଆବଶ୍ୟକତା ମୁତାବକ କେତେ ଗୋଟି ନୂତନ CHCରେ ଆବଶ୍ୟକତା ରହିଛି ଓ ସେଗୁଡିକ କେଉଁ କେଉଁ ସ୍ଥାନରେ ନିର୍ମାଣ ହେବ ବୋଲି ବିଭାଗ ନିଷ୍ପତ୍ତି ନେଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ରାଜ୍ୟରେ ଥିବା କେଉଁ କେଉଁ PHC (N)କୁ CHCରେ ରୂପାନ୍ତରିତ କରିବାକୁ ବିଭାଗ ନିକଟରେ ପ୍ରସ୍ତାବ ରହିଛି ତାର ଜିଲ୍ଲା ୱାରି ଓ ନାମ ୱାରି ତାଲିକା ପ୍ରଦାନ କରିବେ କି, ଭଦ୍ରକ ଜିଲ୍ଲାରେ ହେବାକୁ ଥିବା ନୂତନ ମେଡିକାଲ୍ କଲେଜର ସ୍ଥିତି ଓ ଏହା ବିଳମ୍ବ ହେବାର କାରଣ କଣ ଜଣାଇବା ସହ ଏହାର DPR ପ୍ରସ୍ତୁତି ହୋଇଛି କି, ଯଦି ହୋଇଛି, ଏହାର ତଥ୍ୟ ଦେବା ସହ ମେଡିକାଲ୍ କଲେଜର କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି ଜଣାଇବେ କି ଏବଂ ଭଦ୍ରକ ଜିଲ୍ଲାରେ ଥିବା କେଉଁ କେଉଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟା ଖୋଲିବାକୁ ବିଭାଗ ନିଷ୍ପତ୍ତି ନେଇଛି ତାର ତାଲିକା ପ୍ରଦାନ କରିବେ କି, ଏହା ସହ ଜିଲ୍ଲାରେ ଆଉ କେଉଁ କେଉଁ ସ୍ଥାନରେ ନୂତନ PHC, CHC, AREA HOSPITAL, SDH ସ୍ଥାପନ କରାଯିବାର ନିଷ୍ପତ୍ତି ହୋଇଛି କି, ଯଦି ହୋଇଛି, ତାର ତାଲିକା ପ୍ରଦାନ କରିବେ କି, ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଥିବା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ପରିଣତ କରିବେ କି ?

----

### ଖାଲିଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀ ପଦବୀ ପୂରଣ

1373 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ବମୋଟ କେତେଜଣ ଡାକ୍ତର ତଥା କେତେଜଣ କର୍ମଚାରୀ କେଉଁ କେଉଁ ବିଭାଗରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କର ନାମୱାରୀ ତାଲିକା ପ୍ରଦାନ କରିବେ କି, (ଖ) ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁ ବିଭାଗରେ କେତେଜଣ ଡାକ୍ତର ପଦବୀ ଏବଂ କେଉଁ ବିଭାଗରେ କେଉଁ କେଉଁ କର୍ମଚାରୀ ପଦବୀ ଖାଲିପଡ଼ିଛି ତାହା ସରକାର ଜାଣନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ପୂରଣ ହେବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି?

----

## ନିର୍ମିତ ହୋଇଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ

1374 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାସୁଦେବପୁର ଠାରେ ଦୀର୍ଘଦିନ ଧରି ନିର୍ମିତ ହୋଇଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ ହେଉନଥିବା ସମ୍ପର୍କରେ ସରକାର ଜାଣନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି, (ଖ) ବାସୁଦେବପୁର ଠାରେ ଦୀର୍ଘଦିନ ଧରି ନିର୍ମିତ ହୋଇଥିବା Blood Bank କାର୍ଯ୍ୟକ୍ଷମ ହେଉନଥିବା ସମ୍ପର୍କରେ ସରକାର ଜାଣନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## Cognisance of the FIR registered

1375 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether the State Government has taken cognisance of the FIR registered by the Delhi unit of the CBI in the alleged coal corruption case involving a CBI Assistant Sub-Inspector posted at Bhubaneswar and officials of Mahanadi Coalfields Limited; and if so, what action has been initiated, and what steps have been taken to ensure transparency and prevent recurrence of such incidents in future?

----

## Cancellation of the Odisha Police SI recruitment

1376 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Given the repeated postponement and cancellation of the Odisha Police Sub-Inspector recruitment examinations including the SI exam originally scheduled for October 5-6, 2025 and the ongoing uncertainties regarding a fresh schedule, what concrete steps is the Home Department taking to ensure a transparent, time-bound and fair recruitment process, while safeguarding the future of aspirants affected by these delays and irregularities ?

----

## Crimes against women and minor girls reported on Odisha

1377 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What is the district-wise quarterly trend of crimes against women and minor girls reported in Odisha in the past year, including the number of FIRS filed, arrests made, pending investigations, and conviction rates (especially under POCSO and IPC provisions) how many juvenile offenders have been processed and placed in rehabilitation centres ?

----

## ଦେବଗଡ଼ ଜିଲ୍ଲାରେ ଆର୍ଯ୍ୟୁବେଦିକ ଡାକ୍ତରଖାନା ନିର୍ମାଣ

1378 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ନିର୍ବାଚନମଣ୍ଡଳିରେ ଆର୍ଯ୍ୟୁବେଦିକ ଡାକ୍ତରଖାନା ନିର୍ମାଣ ନିମନ୍ତେ ସରକାରଙ୍କର କିଛି ପଦକ୍ଷେପ ନେଇଛନ୍ତି କି ?

----

## Online ଠକେଇର ଶିକାର

1379 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ପାଞ୍ଚ ବର୍ଷରେ କେତେଜଣ Online ଠକେଇର ଶିକାର ହୋଇଛନ୍ତି, ତାହାର ଏକ ତାଲିକା ବର୍ଷୱାରୀ ଓ ଜିଲ୍ଲାୱାରୀ ପ୍ରଦାନ କରିବେକି ଏବଂ ଏହି ଠକେଇ ଠାରୁ ଜନସାଧାରଣଙ୍କୁ ଦୂରେଇ ରଖିବା ପାଇଁ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖାଲିଥିବା ଡାକ୍ତର ପଦବୀ ପୂରଣ

1380 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ ସମୟରେ ସମସ୍ତ ଚିକିତ୍ସାଳୟରେ କେଉଁ କେଉଁ ବିଭାଗ ନିମନ୍ତେ ଡାକ୍ତର ପଦବୀ ସଂଖ୍ୟା କେତେ ତାର ଡାକ୍ତରଖାନାୱାରୀ ପରିସଂଖ୍ୟାନ ପ୍ରକାଶ କରି ଏବଂ ସମସ୍ତ ବିଭାଗ ନିମନ୍ତେ ସମସ୍ତ ଡାକ୍ତର ପଦବୀ ସମ୍ପୂର୍ଣ୍ଣ ଅଛି କି; ଯଦି ନାଁ କେତେ ବର୍ତ୍ତମାନ ଦେବଗଡ଼ ଜିଲ୍ଲାର କେଉଁ କେଉଁ ବିଭାଗ ପାଇଁ କେତେ ଜଣ ଡାକ୍ତରଙ୍କ ଅଭାବ ଅଛି ଏବଂ କେତେଦିନ ଭିତରେ କେତେ ଡାକ୍ତର ଦେବଗଡ଼ ଜିଲ୍ଲା ନିମନ୍ତେ ନିଯୁକ୍ତି ଦିଆଯିବ ?

----

**ସାଇବର ଅପରାଧ ରୋକିବାକୁ ସାଇବର ଥାନା ସ୍ଥାପନ**

1381 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)**:

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଆମ ରାଜ୍ୟ ଓ ରାୟଗଡା ଜିଲ୍ଲାରେ କେଉଁ କେଉଁ ଜାଗାରେ ସାଇବର ଥାନା ଅଛି ଏବଂ ସେଠାରେ ସରକାରଙ୍କର ଅପରାଧ ରୋକିବା ପାଇଁ କି କି ବ୍ୟବସ୍ଥା ଅଛି ?

----

**ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା**

1382 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପୁର ପଲ୍ଲୀରେ ଥିବା ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ପାଇଁ ସେଠାକାର sub-centre ଗୁଡ଼ିକରେ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱଛତା ଆଣିବା ପାଇଁ biometric machine ରେ ଉପସ୍ଥାପନାର ଯୋଜନା କରିଛନ୍ତି କି ?

----

**SCB ରେ କିଡନୀ ପ୍ରତ୍ୟାରୋପଣ**

1383 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SCB Medical College & Hospital ରେ ଅଦ୍ୟାବଧି କେତେ ଜଣଙ୍କର କିଡନୀ ପ୍ରତ୍ୟାରୋପଣ ହୋଇଛି, ଏଠାରେ ଭିତ୍ତିଭୂମୀ ଉନ୍ନୟନ କରି ଅଧିକ ସଂଖ୍ୟାକ କିଡନୀ ପ୍ରତ୍ୟାରୋପଣ ବ୍ୟବସ୍ଥା ସୁସମ୍ପାଦନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଯୋଜନା ଦ୍ୱାରା ଉପକୃତ ରୋଗୀ**

1384 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଥିବା କଟିଥିବା ଥିବା ଦୃଷ୍ଟିରୁ ରୋଗୀମାନେ Hospital ରେ Treatment ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ସତ୍ୟ କି, (ଖ) ଯଦି ଏହା ସତ, ତେବେ ଏହି ସମସ୍ୟା ଦୂରପାଇଁ ସରକାର କି ପଦକ୍ଷେପ ନେଇଛନ୍ତି କହିବେ କି, ଏବଂ ଏହି ଯୋଜନାରେ ଗତ ୧୮ ମାସ ଭିତରେ କେତେ ରୋଗୀ ଉପକୃତ ହୋଇଛନ୍ତି ?

----

**ଡାକ୍ତରଖାନାରେ ଡାକ୍ତର ଅଭାବ**

1385 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରଡା ନିର୍ବାଚନ ମଣ୍ଡଳୀର ଅଧିକାଂଶ ଚିକିତ୍ସାଳୟ ଗୁଡିକରେ ଡାକ୍ତର ନଥିବା ସରକାର ଜାଣିଛନ୍ତି କି, ଯଦି ହଁ, ଅତ୍ୟନ୍ତ ପୋଖତ ଫାର୍ମାସିଷ୍ଟ ପୋଷ୍ଟିଂ କରାଗଲେ କିଛିକାଂଶରେ ରୋଗୀ ସେବା ପ୍ରଦାନ କରାଯାଇପାରିବ, ତେଣୁ ଡାକ୍ତର ଅଭାବ ଥିବା ଚିକିତ୍ସାଳୟ ଗୁଡିକରେ ପୋଖତ ଫାର୍ମାସିଷ୍ଟ ପୋଷ୍ଟିଂ କରାଯିବା ନେଇ କିଛି ବ୍ୟବସ୍ଥା କରିବେ କି ?

----

**ଖାଲିଥିବା ଶିଶୁ ବିଶେଷଜ୍ଞ ପଦବୀ ପୂରଣ**

1386 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା)**:

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଦୀର୍ଘ ଦିନରୁ ଶିଶୁ ରୋଗ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଛି ଏହାକୁ ତୁରନ୍ତ ପୁରଣ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଭାପୁର ବିଟ୍ ହାଉସକୁ ଫାଣ୍ଡିରେ ପରିଣତ

1387 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ପର୍ଯ୍ୟଟନ ସ୍ଥଳରେ ଥିବା ପୋଲିସ ଫାଣ୍ଡିଟିକୁ ପୋଲିସ୍ ଥାନାରେ ରୁପାନ୍ତରଣ, ଭାପୁର ବିଟ୍ ହାଇସ୍କୁ ଫାଣ୍ଡି ଓ ଏହି ଭାପୁର ବ୍ଲକ ଓ ଖଣ୍ଡପଡା ବ୍ଲକରେ ବାହାଡା ଛକ ତଥା ଗୋକୁଳାନନ୍ଦ ପୀଠ ସିଧାମୂଳା ଠାରେ ଜନଗହଳି ତଥା ପର୍ଯ୍ୟଟନ ସ୍ଥଳ ଦୃଷ୍ଟିରୁ ନୂତନ ଫାଣ୍ଡି ପାଇଁ ଅନୁମତି ପ୍ରଦାନ କରିବେ କି ?

----

## ପୋଲିସ ବିଭାଗରେ ଖାଲିଥିବା ପଦବୀ ପୂରଣ

1388 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ପୋଲିସ ବିଭାଗରେ କେଉଁ କେଉଁ ପଦବୀ ଏବେ ସୁଦ୍ଧା ଖାଲି ପଡିଛି ଓ ଏହା କେବେ ସୁଦ୍ଧା ପୂରଣ କରାଯିବ, ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଅଳଙ୍କାର ବଜାର ଟିକସ ଆୟ

1389 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୁନା ଦର ଓ ରୁପା ଦର ବଢୁଥିବାରୁ ତାର ପ୍ରଭାବ ରାଜ୍ୟରେ ଅଳଙ୍କାର ବଜାର ଟିକସ୍ ଆୟ ଓ ଅନାନ୍ୟ କ୍ଷେତ୍ରରେ କଣ ହୋଇଛି, ରାଜ୍ୟରେ ବାର୍ଷିକ ଅଳଙ୍କାର କାରବାର ଗତ 5 ଟି ଆର୍ଥିକ ବର୍ଷରେ କେତେ ପ୍ରତିବର୍ଷ କେତେ ହୋଇଥିଲା ଏବଂ ସେ ବାବଦରେ ଟିକସ ଆୟ କେତେ ଥିଲା, ଏବଂ ଓ ଚଳିତ ଆର୍ଥିକ ବର୍ଷରେ ତାହା କେତେ ହେବ ବୋଲି ଅନୁମାନ କରାଯାଇଛି, ରାଜ୍ୟରେ ଏବେ କେତୋଟି ଅଳଙ୍କାର ଦୋକାନ ରହିଛି ?

----

## ଅପରାଧ ନିୟନ୍ତ୍ରଣ ପାଇଁ ପଦକ୍ଷେପ

1390 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେଉଁ ଧରଣର ଅପରାଧ ବେଶି ବଢୁଥିବା ଲକ୍ଷ୍ୟ କରାଯାଉଛି ଓ ତାହା କେଉଁ ଅଞ୍ଚଳରେ ଅଧିକ ହେଉଛି, ଏବଂ ତାକୁ ନିୟନ୍ତ୍ରଣ କରିବା ପାଇଁ କି ପ୍ରକାର ପଦକ୍ଷେପ ନେଉଛନ୍ତି ?

----

## ଜନ୍ମ ଓ ମୃତ୍ୟୁହାର ତାରତମ୍ୟ

1391 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜନସଂଖା ବୃଦ୍ଧିଭାର କମୁଛିନା ବଢୁଛି ଓ ଏବେ ସାଧାରଣ ଗର୍ଭଧାରଣ ହାର (TFR) କେତେ ରହିଛି ଏବଂ ଜାତୀୟ ସ୍ଥିତି ତୁଳନାରେ ଓ ଅନ୍ୟାନ୍ୟ ରାଜ୍ୟ ଗୁଡ଼ିକ ମଧ୍ୟରେ ଓଡିଶାର ଅବସ୍ଥା କଣ ରାଜ୍ୟରେ ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ତାରତମ୍ୟର ସ୍ଥିତି ଓ ଧାରା କଣ ରାଜ୍ୟରେ ଏକ ସମୟରେ ଜନସଂଖ୍ୟା କମିବ ବୋଲି ଅନୁମାନ କରୁଛନ୍ତିକି, ଓ ଉତ୍ତର ହଁ ହୋଇଥିଲେ କେବେ ସେହି ସ୍ଥିତି ଆସିବ ବୋଲି ଭାବୁଛନ୍ତି ?

----

## ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ଗଣଦୁଷ୍କର୍ମ ମାମଲା

1392 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୧୦-୦୧-୨୦୨୪ରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମୋଟ କେତେ ନାରି ନିର୍ଯ୍ୟାତନା, ନାରି ହତ୍ୟା (ଦୁଷ୍କର୍ମ) ନାବାଳିକା ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌତୁକ ଜନିତ ମାମଲା ହେଉଛି ଏହାର ଜିଲ୍ଲାୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି ?

----

## ଓଡିଶାକୁ ମ୍ୟାଲେରିଆ ମୁକ୍ତ କରିବା

1393 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କେତେ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ମ୍ୟାଲେରିଆ ବ୍ୟାପିବାର ମୁଖ୍ୟ କାରଣ କ'ଣ ଓ ଏହାର ମୁକାବିଲା ପାଇଁ କି ପଦକ୍ଷେପ ନିଆଯାଉଛି, (କ) ଓଡ଼ିଶାକୁ 'ମ୍ୟାଲେରିଆ ମୁକ୍ତ' କରିବା ପାଇଁ ସରକାର କେଉଁ ବର୍ଷକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଏଥିପାଇଁ କି ପ୍ରକାର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି ?

----

## ବିଧାୟକ ଓ ସାଂସଦ ମାନଙ୍କ ବିରୋଧରେ ଫୌଜଦାରୀ ମାମଲା

1394 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେତେଜଣ ମାନ୍ୟବର ବିଧାୟକ ଓ ସାଂସଦ ମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ବିଭିନ୍ନ ବିଚାରଳୟ ମାନଙ୍କରେ କେତେ ବର୍ଷ ହେଲା ରହିଅଛି, ଏହାର ବିସ୍ତୃତ ବିବରଣୀ ଦେବେ କି, ଏହାର ତୁରନ୍ତ ଫଏସଲା ପାଇଁ ସ୍ୱତନ୍ତ୍ର ବିଚାରଳୟ/ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଁ ସରକାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ପ୍ରସ୍ତାବ ଦେବେ କି ?

----

## ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀ ପ୍ରତି ନିର୍ଯ୍ୟାତନା

1395 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୨୪-୨୦୨୫ ଓ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ପ୍ରତି ନିର୍ଯ୍ୟାତନା ଓ ଆତ୍ମହତ୍ୟା ର କେତୋଟି ଘଟଣା ଘଟି ଅଛି, ତାହାର ବିସ୍ତୃତ ବିବରଣୀ ଦେବେ କି, ଏ ସମ୍ପର୍କରେ ସରକାର କଣ ପ୍ରତୀକାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## Operationalisation of One Stop Centres & Women Help Line-181

1396 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Appreciating out present government's operationalisation of One Stop Centres and Women Helpline 181, which faced neglect under prior administrations, how many Puri district women accessed these in 2024-25 and what plans exist for new Shakti Sadan facilities in Satyabadi to ensure swift rural response times, Also, Saluting Operation Anweshan 2025 that rescued 45 children and 504 women from Puri, the highest in Odisha, amid Odisha's lead in 1,305 trafficking cases under previous rule, what constituency- specific rehabilitation under Mission Vatsalya and trafficker prosecution targets are set for Satyabadi ?

----

## Govt announced a non-negotiable policy on women

1397 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Out present government has announced a 'non-negotiable' policy on women's safety ans launched initiatives like Shaktishree for campus security and technology-based protection, (a) How many universities and colleges have been covered under Shktishree so far and why did the previous government fail to create such a comprehensive campus safety programme despite rising crimes against Women for years for year together, (b) Will the govt provide a district-wise roadmap showing by when Puri district institutions, including colleges attended by girls from Satyabadi, will be fully covered under these new schemes, what integrated measures are now being taken in coordination with Mission Shakti and WCD Department that were absent or weak in the previous dispensation ?

----

## Government reforms Odisha GST Collections

1398 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- The government's bold reforms have driven Odisha's GST Collections to second-highest growth nationally, contrasting CAG findings of Rs. 125.99 crore stamp duty losses (2018-2022) under previous administration due to unqualified valuation committees and defective Market Value Guidelines,(1). Actions post-june 2025 show-cause notices to 300 DSRs, recoveries and prosecutions under BJP governance, (2) Amendments mandating expert valuers (IT Dept/SBI-recognised) in all 30 district committees and Revenue uplift from these corrections, showcasing present government's efficiency ?

----

## ଦୁର୍ନୀତି ବିଭାଗ ଦ୍ୱାରା ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗର ମାମଲା

1399 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅବିଭକ୍ତ କୋରାପୁଟ ଜିଲ୍ଲାରେ 2022-23 ଆର୍ଥିକ ବର୍ଷ ଠାରୁ ଅଦ୍ୟାବଧି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ କେଉଁ କେଉଁ ବିଭାଗର କେଉଁ ଅଧିକାରୀ/କର୍ମଚାରୀ ମାନଙ୍କୁ ଲାଞ୍ଚ ନେବା ଓ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ ହୋଇଛି ଏବଂ କେଉଁ ମାନେ ଦୋଷୀ ହୋଇ ଜେଲଦଣ୍ଡ ମିଳିଛି ?

----

## ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ

1400 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- OPID Act 2011, ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଜିଲ୍ଲା ଆରକ୍ଷୀଙ୍କ କାର୍ଯ୍ୟାଳୟମାନଙ୍କରୁ ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାସଓାରି ରିପୋର୍ଟର ଏକ ତଥ୍ୟ ସହ ବାର୍ଷିକ କାର୍ଯ୍ୟକଳାପର self- certified ବା Audited Report ର ଗତ ଦୁଇ ବର୍ଷ ତଥ୍ୟ ପ୍ରଦାନ କରିବେ କି, ଏଥିରେ ଅବହେଳା କରିଥିବା ବିଭାଗର ଅଧିକାରୀ ଓ ଆର୍ଥିକ ସଂସ୍ଥା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ?

----

## ଆଉଟସୋର୍ସିଂ ସେବା ଟେଣ୍ଡର ଗୁଡ଼ିକର ଯୋଗ୍ୟତା ମାପଦଣ୍ଡ

1401 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆହ୍ୱାନ କରାଯାଉଥିବା ଆଉଟସୋର୍ସିଂ ସେବା ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକରେ, ମୂଳ ଯୋଗ୍ୟତା ମାପଦଣ୍ଡ ଠାରୁ ଅତିରିକ୍ତ କିଛି conditional technical scoring parameters ଅନ୍ତର୍ଭୁକ୍ତ କରାଯାଉଛି କି, ଯଦି ହଁ, ସେମାନଙ୍କର ଯୁକ୍ତିସଙ୍ଗତତା ଓ ସମାନ ସୁଯୋଗ ଉପରେ ପ୍ରଭାବକୁ ସରକାର କିପରି ମୂଲ୍ୟାୟନ କରୁଛନ୍ତି; (ଖ) ସରକାରୀ ଗଜେଟ୍ ସୂଚନା ଅନୁଯାୟୀ ଆଉଟସୋର୍ସିଂ ସେବା ପାଇଁ ନିର୍ଦ୍ଧାରିତ ୩.୫୧% ରୁ 7% ସର୍ଭିସ୍ ଚାର୍ଜ ମଧ୍ୟରେ ଯେତେବେଳେ ଏକାଧିକ ଟେଣ୍ଡରଦାର ସମାନ ଦର ପ୍ରଦାନ କରନ୍ତି, ସେଥିରେ OPWD ନିୟମ ଅନୁଯାୟୀ lottery-based transparent selection process ଅନୁସରଣ କରାଯିବାର ବ୍ୟବସ୍ଥା ରହିଥିବା ସତ୍ତ୍ୱେ, ଏହାର ଅନୁସରଣ ସମସ୍ତ ବିଭାଗରେ ସମାନ ଭାବେ ହେଉନଥିବା ସମ୍ବନ୍ଧୀୟ ତଥ୍ୟ ବା ଅଭିଯୋଗ ସରକାରଙ୍କ ନଜରକୁ ଆସିଛି କି, ଟେଣ୍ଡର ମୂଲ୍ୟାୟନ ପ୍ରକ୍ରିୟାରେ ଉଚ୍ଚ ଟେକ୍ନିକାଲ୍ ସ୍କୋର, ପୂର୍ବ ସମାନ କାର୍ଯ୍ୟାନୁଭବ, ଉଚ୍ଚ ଟର୍ନଓଭର, PPT ଆଧାରିତ ପ୍ରେଜେଣ୍ଟେସନ୍ ଇତ୍ୟାଦି ଅତିରିକ୍ତ ମାପଦଣ୍ଡ ଲାଗୁ କରାଯାଇ, ମୂଳ ଯୋଗ୍ୟତା ପୂରଣ କରୁଥିବା ଏଜେନ୍ସୀମାନଙ୍କୁ ଫାଇନାନ୍ସିଆଲ୍ ବିଡ୍ ପର୍ଯ୍ୟାୟରୁ ବଞ୍ଚିତ କରାଯାଉଛି କି—ଏଥିରେ ସରକାରଙ୍କ ନୀତିଗତ ଦୃଷ୍ଟିକୋଣ କଣ; ଆଉଟସୋର୍ସିଂ ଟେଣ୍ଡର ପ୍ରକ୍ରିୟାକୁ ସମସ୍ତ ବିଭାଗରେ ସମାନ, ସ୍ୱଚ୍ଛ, ପାରଦର୍ଶୀ ଓ ପକ୍ଷପାତରହିତ କରିବା ପାଇଁ ସରକାର କୌଣସି centralised gazette notification ବା uniform model tender guideline ଜାରି କରିବାକୁ ବିଚାରାଧୀନ ରଖିଛନ୍ତି କି ?

----

## Total Amount Borrowed by the State

1402 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The total amount borrowed by the State Government from the World Bank and through Open Market Borrowings from June 2024 till date, indicating the source-wise breakup, interest rates, tenure, and purpose of each loan ?

----

## ଦୁର୍ନୀତି କରି ସମ୍ପତ୍ତି ଠୁଳ ଅଧିକାରୀ ଉପରେ ଚଢାଉ

1403 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଦୁର୍ନୀତି କରି ସମ୍ପତ୍ତି ଠୁଳ କରିଥିବା ଅଧିକାରୀଙ୍କ ଉପରେ ଚଢାଉ ଚାଲିଛି, ସମ୍ପତ୍ତି ଜବତ ହେଉଛି ଗିରଫ କରାଯାଉଛି ସତ କେଉଁ କାର୍ଯ୍ୟ ଗୁଡ଼ିକୁ ଅନୁକମ୍ପା ଦେଖାଇ, ନିମ୍ନ ମାନର କାମ କରି ଏହି ଟଙ୍କା ଉପାର୍ଜନ କରାଯାଇଛି ତାହାର ବିଭାଗୀୟ ତଦନ୍ତ କରାଯାଉଛି କି, ରାୟଗଡା ଜିଲ୍ଲା ଜଳଛାୟା ବିଭାଗ ଦ୍ୱାରା ପୋଖରୀ ଖନନ ନକରି ଟଙ୍କା ଆତ୍ମସାତ କରିଥିବା ଭିଜିଲାନ୍ସ ଚଢାଉ ପରେ ସ୍ପଷ୍ଟ ହୋଇଛି ତେଣୁ ସେ ପୋଖରୀ କେବେ ଖନନ କରାଯିବ କାରଣ ଲୋକେ ପୋଖରୀ ଜନୀତ ସୁବିଧାରୁ ବଞ୍ଚିତ ହେଉଛନ୍ତି, ଏଥିପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତି କି ; (ଖ) ସେହିପରି ରାୟଗଡା ଜିଲ୍ଲାର ପୂର୍ବତନ DFO ଅମାପ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ,ଏହି ଟଙ୍କା କେଉଁ ଜନହିତକର କାର୍ଯ୍ୟରେ ଅନୁକମ୍ପା ଦେଖାଇ ଉପାର୍ଜନ କରିଛନ୍ତି ତାହାର ବିଭାଗୀୟ ତଦନ୍ତ ହୋଇଛି କି, ଯଦି ହେଇଛି ତବେ ସେହି ରିପୋର୍ଟ ପ୍ରଦାନ କରିବେ କି, ଯଦି ବିଭାଗୀୟ ତଦନ୍ତ ହୋଇ ନାହିଁ ତେବେ ଏଥିପାଇଁ ସରକାରଙ୍କ କଣ ଯୋଜନା ରହିଛି, ଭିଜିଲାନ୍ସ ବ୍ୟତୀତ ବିଭାଗ ନିଜ ପକ୍ଷରୁ କଣ ପଦକ୍ଷେପ ନେଇଛନ୍ତି, ଏପରି ସମସ୍ତ ଘଟଣା ପ୍ରତି ସରକାର ବିଚାର କରି ଆବଶ୍ୟକ ସ୍ଥଳେ ନୂଆ ବ୍ୟବସ୍ଥା ଆଣିବା ପାଇଁ ବିଚାର କରୁଛନ୍ତି କି ?

----

## ଖାଲିଥିବା ଡାକ୍ତର ପଦବୀ ପୂରଣ

1404 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବର୍ତ୍ତମାନ କେଉଁ କେଉଁ ବିଭାଗରେ କେତେଜଣ ଡାକ୍ତର ନିଯୁକ୍ତ ଅଛନ୍ତି ; (ଖ) ଏହି ଚିକିତ୍ସାଳୟରେ କେଉଁ କେଉଁ ବିଭାଗର ଡାକ୍ତରୀ ପଦବୀ ବର୍ତ୍ତମାନ ଖାଲି ଅଛି ଏବଂ ସେଗୁଡିକ କେବେ ସୁଦ୍ଧା ପୂରଣ କରାଯିବାର ଯୋଜନା ଅଛି ଏବଂ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଆଧୁନିକ ଡାଏଲିସିସ୍ ମେସିନ୍ ସୁବିଧା ପ୍ରଦାନ କରିବା ପାଇଁ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ଅଛି କି, ଯଦି ଅଛି, ତେବେ ଏହି ସୁବିଧା କେବେ ସୁଦ୍ଧା ଉପଲବ୍ଧ ହେବ, ଏବଂ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅଲ୍ଟ୍ରାସାଉଣ୍ଡ (Ultrasound) ମେସିନ୍ ବର୍ତ୍ତମାନ ଉପଲବ୍ଧ ଅଛି କି, ଯଦି ନାହିଁ, ତେବେ ଏହା ସ୍ଥାପନ କରିବା ପାଇଁ ସରକାରଙ୍କ ପାଖରେ କୌଣସି ଯୋଜନା ଅଛି କି ଏବଂ କେବେ ସୁଦ୍ଧା ଏହି ସୁବିଧା ଆରମ୍ଭ ହେବ ?

----

### PHC କୁ CHC ରେ ପରିଣତ

1405 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାର ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଭାବେ ଉନ୍ନୀତ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ କିମ୍ବା ପ୍ରସ୍ତାବ ଗ୍ରହଣ କରାଯାଇଛି କି ; (ଖ) ଔପଦା ଏକ ବ୍ଲକ୍ ମୁଖ୍ୟାଳୟ ହୋଇଥିବା ସତ୍ତ୍ୱେ ବର୍ତ୍ତମାନ ସେଠାର ରୋଗୀମାନେ ପ୍ରାୟ ୫୦ କି.ମି. ଦୂର ଇଶ୍ୱରପୁର CHC ଉପରେ ନିର୍ଭରଶୀଳ ଥିବାରୁ ଚିକିତ୍ସା ସେବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି—ଏହି ପରିସ୍ଥିତି ସରକାରଙ୍କ ଗ୍ରହଣକୁ ଆସିଛି କି, ଏବଂ ଏହି ଦୂରତା ଓ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଔପଦା PHC କୁ CHC କୁ ଉନ୍ନୀତ କରିବା ପାଇଁ ସରକାର କେବେ ସୁଦ୍ଧା ନିଷ୍ପତ୍ତି ନେବେ, ଏବଂ ଉନ୍ନୀତି ହେବା ପର୍ଯ୍ୟନ୍ତ ଔପଦା PHC ରେ ଡାକ୍ତର, ନର୍ସ, ଲ୍ୟାବ୍, ଆମ୍ବୁଲାନ୍ସ ଓ ୨୪x୭ ଆପାତକାଳୀନ ସେବା ସୁଦୃଢ଼ କରିବାକୁ କୌଣସି ଅନ୍ତର୍ବର୍ତ୍ତୀ ବ୍ୟବସ୍ଥା ଗ୍ରହଣ କରାଯିବ କି ?

----

### କରୋନା ମହାମାରୀ ସମୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ପାରିଶ୍ରମିକ ଦେବା

1406 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେଗତ କରୋନା ମହାମାରୀରେ ଯେଉଁ "Civil Defense " ମାନେ କାମ କରୁଥିଲେ ନିୟମ ଅନୁଯାଇ ଯେଉଁ ପାଉଣା ମିଳିବା କଥା, ବର୍ତ୍ତମାନ ସୁଧା ସମ୍ପୂର୍ଣ୍ଣ ପାଉଣା ମିଳିନଥିବା କଥା ଜାଣନ୍ତି କି, ଉତ୍ତର ଯଦି ହଁ ହୁଏ, ଏଦିଗରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଏବଂ ଅନ୍ୟରାଜ୍ୟ ତୁଳନାରେ ପ୍ରତ୍ୟେକ ଦିନ କାର୍ଯ୍ୟ ଦିଆଯାଉନଥିବା କଥା ସତ୍ୟକି, ଉତ୍ତର ଯଦି ହଁ ହୁଏ, ଏଥିପ୍ରତି ଆଗାମୀ ଦିନରେ କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

### ସୁନ୍ଦରଗଡ ଜିଲ୍ଲାରେ ଥାନା ଓ ଫାଣ୍ଡି ସଂଖ୍ୟା ବଢାଇବା

1407 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ପୋଲିସ୍ ଜିଲ୍ଲାରେ ସ୍ୱରାଷ୍ଟ୍ର ବିଭାଗ ଅଧିନରେ କାର୍ଯ୍ୟରତ DSP, Addl. SP, IIC, SI, ASI, ହାବିଲଦାର ଓ କନେଷ୍ଟବଳ କେତେ ଜଣ ଅଛନ୍ତି, ଜନସଂଖ୍ୟା, ଖଣି ବହୁଳ ଏବଂ ସୀମାନ୍ତ ଅଞ୍ଚଳ ଇତ୍ୟାଦି ଦୃଷ୍ଟିକୋଣରୁ ଏଠାରେ କେତେ ପୋଲିସ୍ କର୍ମଚାରୀ (ବିଭିନ୍ନ ବର୍ଗର) କେତେ ରହିବା କଥା ତାର ବିବରଣୀ ଦେବା ସହ ଏହା ସୁନ୍ଦରଗଡ ଜିଲ୍ଲା ପାଇଁ ପ୍ରଯ୍ୟାପ୍ତ କି, ଯଦି ନା ତେବେ ଆଇନଶୃଙ୍ଖଳା ଦୃଷ୍ଟିରୁ ଏହି ପଦବୀ ଗୁଡିକୁ ବୃଦ୍ଧି କରିବା ପାଇଁ କିଛି ବ୍ୟବସ୍ଥା କରିବେ କି, (ଖ)ଯେହେତୁ ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଏକ ସୀମାନ୍ତ ଓ ଖଣିଜ ବହୁଳ ଅଞ୍ଚଳ ତେଣୁ ଆଇନଶୃଙ୍ଖଳା ଦୃଷ୍ଟିକୋଣରୁ ଏଠାରେ ଥାନା ଓ ପୋଲିସ୍ ଆଉଟପୋଷ୍ଟ ବଢାଇବାର ବ୍ୟବସ୍ଥା କରିବେ କି ?

----

### ମହିଳାମାନଙ୍କ ବିରୋଧରେ ଅପରାଧ ରୋକିବା ପାଇଁ ପଦକ୍ଷେପ

1408 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରତିଦିନ ହାରାହାରି କେତେଜଣ ମହିଳା କେଉଁ କେଉଁ ପ୍ରକାର ଅପରାଧର ଶିକାର ହେଉଛନ୍ତି, ମହିଳାଙ୍କ ବିରୋଧରେ ଅପରାଧ କୁ ରୋକିବା ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହାର ଫଳାଫଳ କଣ ହୋଇଅଛି ?

----

### L & T Financial କମ୍ପାନୀ ଦ୍ୱାରା ଋଣ ନାମରେ ଶୋଷଣ

1409 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- L & T Financial Limited (LTF) ନାମକ ଏକ (NBFC) ସଂସ୍ଥା ଉଦୟଗିରି ନିର୍ବାଚନ ମଣ୍ଡଳିରେ ବସବାସ କରୁଥିବା ଗରିବ ଆଦାବାସି ଓ ହରିଜନ ମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଶୋଶଣ କରୁଅଛି, ଏପରିକି ଯଦି ଋଣ ଧାରି ମାନେ ଋଣ ଶୁଝି ନ ପାରନ୍ତି ତେବେ ସେହି ସଂସ୍ଥା ଲୋକ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ଘରୁ ଯୋର ଜବରଦସ୍ତ ଗୁଣ୍ଡା ଲଗାଇ ନେଇଯାଉଛନ୍ତି ପାଖରେ ଏହି ସଂସ୍ଥାର କୌଣସି ତଥ୍ୟ ଅଛି କି, ଯଦି ନାହିଁ ତେବେ ଏହାର ତଦନ୍ତ କରି ସେହି ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗରିବ ଜନାତାକୁ ସୁରକ୍ଷା ପ୍ରଦାନ କରିବାର ବ୍ୟବସ୍ଥା କହିବେ କି ?

----

### 24 ଘଣ୍ଟା ଔଷଧ ଦୋକାନ ଖୋଲିବା

1410 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ରାଜ୍ୟରେ 31.12.2025 ସୁଦ୍ଧା ବୈଧ ଲାଇସେନ୍ସ ପ୍ରାପ୍ତ ଖୁଚୁରା ଔଷଧ ବ୍ୟବସାୟୀ ଙ୍କ ସଂଖ୍ୟା କେତେ ତାହାର ଜିଲ୍ଲା ୱାରୀ ବିବରଣୀ ଦେବେ କି, (କ) ଏଥିମଧ୍ୟରୁ ଏହି ସମୟ ମଧ୍ୟରେ ଫାର୍ମାସିଷ୍ଟ ଥାଇ ଅନ୍ୟ ଜଣେ ମାଲିକ ଥିବା ଦୋକାନ ସଂଖ୍ୟାର ଜିଲ୍ଲାୱାରୀ ବିବରଣୀ ଦେବେ କି, (ଖ)ରାଜ୍ୟରେ 24 ଘଣ୍ଟା ଔଷଧ ଦୋକାନ ଖୋଲିବା ପାଇଁ 31.12.2025 ସୁଦ୍ଧା କେତେ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଅନୁମତି ପ୍ରଦାନ କରାଯାଇଛି ତାହାର ଜିଲ୍ଲାୱାରୀ ସମ୍ପୂର୍ଣ୍ଣ ଠିକଣା ସହ ଜିଲ୍ଲା ୱାରୀ ତଥ୍ୟ ଦେବେ କି, ଏବଂ ଔଷଧ ଦୋକାନ ରେ କାମ କରିବାକୁ ଘୋଷଣା ପତ୍ର ଦେଇ ସରକାରୀ ଓ ବେସରକାରୀ ସଂସ୍ଥା ରେ କାମ କରୁଥିବା ଫାର୍ମାସିଷ୍ଟମାନଙ୍କ ବିରୁଦ୍ଧରେ ଆଭିମୁଖ୍ୟ ଓ କାର୍ଯ୍ୟାନୁଷ୍ଠାନ କଣ ନେଉଛନ୍ତି ?

----

### ଆବଣ୍ଟିତ ଅର୍ଥ ଖର୍ଚ୍ଚ

1411 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) 2025-26 ଆର୍ଥିକ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ପାଇଁ ଆବଣ୍ଟନ କରିଥିବା ବଜେଟ୍ର ପରିମାଣର ଏକ ତାଲିକା ବିଭାଗ ୱାରୀ ପ୍ରଦାନ କରିବେ କି, (ଖ)ଏହି ଆବଣ୍ଟିତ ବଜେଟ ଅଟକଳକୁ କେଉଁ କେଉଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ଏବଂ କେତେ ଅର୍ଥ ଆସନ୍ତା 31st March ସୁଦ୍ଧା Surrender କରିବାର ପ୍ରସ୍ତାବ ଅଛି ତାର କିଛି ଆକଳନ କରିଛନ୍ତି କି, ଯଦି ହଁ, ତେବେ ତାର ତଥ୍ୟ ପ୍ରଦାନ କରିବେ କି ?

----

### PMSMA ମାଧ୍ୟମରେ ମାଆଙ୍କୁ ପରୀକ୍ଷା

1412 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ (PMSMA) ମାଧ୍ୟମରେ ଗତ ଏକ ବର୍ଷ ମଧ୍ୟରେ କେତେଜଣ ମାଆଙ୍କୁ ପରୀକ୍ଷା କରାଯାଇଛି, ଏହାର ସହର ଓ ଗ୍ରାମୀଣ ମଧ୍ୟରେ ଅନୁପାତ କେତେ ଏବଂ ଏହି ପରୀକ୍ଷା ମାଧ୍ୟମରେ ଭ୍ରୁଣର ଲିଙ୍ଗ ନିରୂପଣ କରାଯାଇଛି କି, ଯଦି ହଁ ତାହାଲେ କନ୍ୟା ଭ୍ରୁଣ କ୍ଷେତ୍ରରେ ସୁରକ୍ଷା ନିମନ୍ତେ କଣ ପଦକ୍ଷେପ ନିଆଯାଇଛି ?

----

### CHC ଓ PHC ରେ ଡାକ୍ତର ନର୍ସ ପଦବୀ ପୂରଣ

1413 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ CHC ଓ PHC ରେ ଡାକ୍ତର ନର୍ସ ଫାର୍ମାସିଷ୍ଟଙ୍କ ଅଭାବ ଥିବା ଜାଣନ୍ତି କି, ଯଦି ହଁ, ତେବେ କେବେ ସୁଦ୍ଧା ଏହି ପଦବୀଗୁଡିକ ପୁରଣ କରାଯିବ ?

----

### Number of Vigilance case registered against Government Officers

1414 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) How many vigilance cases have been registered against government officers and employees for their involvement receiving bribes, financial irregularities in Government fund and possession of DA in the year 2024 & 2025; (b) How many cases have been disposed off with the conclusion of acquittal & conviction out of the case instituted in above 2 years ; What is the rate of conviction and will the government inform the confiscation property ; If any & action taken to speed up the trial?

----

### ବିଭିନ୍ନ ସୂତ୍ରରେ ଆସିଥିବା ଋଣର ପରିମାଣ

1415 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 2024-25 ଓ 2025-26 ବର୍ଷରେ ରାଜ୍ୟ ସରକାର କେଉଁ କେଉଁ ସୂତ୍ରରୁ କେତେ ଋଣ କରିଛନ୍ତି ଓ ଏହାର କିଭଳି କେଉଁ ଉଦ୍ଦେଶ୍ୟରେ ବିନିଯୋଗ କରିଛନ୍ତି?

----

### ବିଭିନ୍ନ ବିଭାଗ ପାଇଁ ହୋଇଥିବା ଅର୍ଥ ବରାଦ

1416 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024-25 ଓ 2025-26 ବର୍ଷରେ ରାଜ୍ୟ ସରକାର କେଉଁ ବିଭାଗ ପାଇଁ କେତେ ବଜେଟ୍ ଅର୍ଥ ବରାଦ ହୋଇଥିଲା ଓ କେତେ ବ୍ୟୟ ହୋଇଛି ; କେତେ ଅର୍ଥ ଖର୍ଚ୍ଚ ନହୋଇ ଫେରସ୍ତ ହୋଇଛି ତାର ବର୍ଷୱାରୀ ବିଭାଗୱାରୀ ତଥ୍ୟ ଦେବେ କି?

----

**ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ**

1417 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଗୋରୁ ଚାଲାଣ, ବଙ୍ଗଲାଦେଶୀ ସନ୍ଦେହ ଓ ଧର୍ମଗତ କାରଣ ଯୋଗୁଁ 2024 ଓ 2025 ବର୍ଷରେ କେତେଜଣ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଲୋକଙ୍କୁ ତଥାକଥିତ କିଛି ଅସାମାଜିକ ଉପଦ୍ରବୀ ଗୋଷ୍ଠୀ ଦ୍ୱାରା ଆକ୍ରମଣ, ହତ୍ୟା ଓ ନିର୍ଯ୍ୟାତନା ଭଳି ଘଟଣା ଘଟିଛି, ତାର ତଥ୍ୟ ଦେବେ କି ; (ଖ) ରାଜ୍ୟରେ ଘଟୁଥିବା ଭିଡହିଂସା ନିୟନ୍ତ୍ରଣ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି?

----

**Number of atrocities cases**

1418 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many cases of violence(atrocities) on people belonging to SC, ST & Minority Community have been taken place in the year 2024 & 2025 ; Will the Government provide information district-wise along with action taken to ensure justice & compensation to viections & percentage of convection there on?

----

**ଖର୍ଚ୍ଚର ପରିମାଣ**

1419 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ବିଭାଗୱାରୀ ଆବଣ୍ଟନ ହୋଇଥିବା ଅର୍ଥରୁ ଅଦ୍ୟାବଧି କେତେ ଖର୍ଚ୍ଚ ହୋଇଛି ତାହାର ଶତକଡା ପ୍ରତିଶତ ସହ ବିଗତ 5 ବର୍ଷର ଏକ statics ପ୍ରଦାନ କରିବେ କି ; (ଖ) ଅନ୍ୟ ଏକ ତଥ୍ୟରେ ଚଳିତ ଆର୍ଥିକ ବର୍ଷରୁ ଅଦ୍ୟାବଧି ବିଭାଗୱାରୀ administrative EXP/ Program EXP କେତେ ହୋଇଛି?

----

**ଚୁକ୍ତିଭିତ୍ତିରେ ନିଯୁକ୍ତିର ସ୍ଥିତାବସ୍ଥା**

1420 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଅଧିନରେ ସିଧାସଳଖ ଭାବେ ନିଯୁକ୍ତି ପାଇଥିବା 730 ବ୍ୟବସାୟିକ ପ୍ରତିନିଧି (ବିସି) ଚୁକ୍ତି ଭିତ୍ତିରେ ନିଯୁକ୍ତିର ବର୍ତ୍ତମାନ ସ୍ଥିତାବସ୍ଥା କଣ ; କାର୍ଯ୍ୟରତ ବିସିଙ୍କ କମିସନ୍ ହ୍ରାସ କଣ ପାଇଁ କରାଗଲା ; ବିସିମାନଙ୍କର କାର୍ଯ୍ୟ ଓ କମିସନର ପରିବର୍ତ୍ତନ ଦୃଷ୍ଟିରୁ ମାନ୍ୟବର ହାଇକୋର୍ଟ ମଧ୍ୟନ୍ତର ରାୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ 2 ବର୍ଷ ହେଲା କଣ ପାଇଁ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ ; କେବେ ସୁଦ୍ଧା କୋର୍ଟ ନିର୍ଦ୍ଦେଶ ମାନି ବିସିମାନଙ୍କୁ କାର୍ଯ୍ୟ କରାଇବେ କହିବେ କି?

----

**Fire Safety Certificate ସମ୍ପର୍କରେ**

1421 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶାରେ ସମସ୍ତ ବ୍ୟବସାୟିକ କମପ୍ଲେକ୍ସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ଘରୋଇ ଡାକ୍ତରଖାନା ଇତ୍ୟାଦି ଗୁଡିକରେ Fire Safety Certificate ଅନିବାର୍ଯ୍ୟ କି ; ବାଲେଶ୍ୱରରେ ସମସ୍ତ ଅନୁଷ୍ଠାନ, ଘରୋଇ ଡାକ୍ତରଖାନା ତଥା ବ୍ୟବସାୟିକ mall ଗୁଡିକରେ fire safety ଅଛି କି ; Fire safety ଦିଗରେ ଉଲଂଘନକାରୀଙ୍କ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି?

----

**ଡାକ୍ତର ନିଯୁକ୍ତି ପ୍ରକ୍ରିୟାର ସ୍ଥିତାବସ୍ଥା**

1422 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶା ଲୋକ ସେବା ଆୟୋଗ ମାଧ୍ୟମରେ ଓଡିଶାରେ ଯେଉଁ 5248 ଡାକ୍ତର ନିଯୁକ୍ତି ଦେବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ ତାହାର ବର୍ତ୍ତମାନ ସ୍ଥିତାବସ୍ଥା କଣ ; କେତେ ଜଣ ଡାକ୍ତର ନିଯୁକ୍ତି ପାଇଁ ଆବେଦନ କରିଛନ୍ତି ଓ କେଉଁ ତାରିଖ ସୁଦ୍ଧା ନିଯୁକ୍ତି ପତ୍ର ପାଇ ଚିକିତ୍ସାଳୟରେ କାର୍ଯ୍ୟରତ ହେବେ କହିବେ କି ; (ଖ) ବିଗତ 2 ବର୍ଷରେ ଜିଲ୍ଲାୱାରୀ କେତେଜଣ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ହୋଇଛନ୍ତି ଏବଂ ନୂତନ ନିଯୁକ୍ତି ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ; ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ବିଶେଷଜ୍ଞ ନଥିବାରୁ ପ୍ରାୟତଃ ସମସ୍ତ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ହେଉନାହିଁ କି ସେବା ମଧ୍ୟ ଠିକରେ ମିଳୁନାହିଁ ତେଣୁ କେବେ ସୁଦ୍ଧା ତାହା ଉପଲବ୍ଧ ହେବ ?

----

### ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରଙ୍କ ସଂଖ୍ୟା

1423 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରଙ୍କ ସଂଖ୍ୟା କେତେ ; ଏହି ଡାକ୍ତରମାନେ କେଉଁ ସଂସ୍ଥା ଅଧୀନରେ କାର୍ଯ୍ୟରତ ଓ ସେମାନଙ୍କର ଶିକ୍ଷା ଓ ଚିକିତ୍ସାଳୟକୁ କିଏ ନିୟନ୍ତ୍ରଣ କରୁଛନ୍ତି ; ସେମାନେ ବ୍ୟବହାର କରୁଥିବା ଔଷଧ କେଉଁଠାରୁ ଆସୁଛି ; ଅନ୍ୟ ରାଜ୍ୟରେ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସାକୁ ସରକାରୀ ମାନ୍ୟତା ମିଳୁଥିବା ବେଳେ ଆମ ରାଜ୍ୟରେ ଏହାର ଉନ୍ନତି ପାଇଁ କିଛି ନୀତି ଓ ଆଇନ ପ୍ରଣୟନ କରାଯାଇଛି କି ; ଯଦି ଉତ୍ତର ହଁ ହୁଏ, ତେବେ ସେଗୁଡ଼ିକ କଣ ଏବଂ ଯଦି ଉତ୍ତର ନା ହୁଏ, କେବେ ସୁଦ୍ଧା ଏହି ଆଇନ ପ୍ରଣୟନ କରିବାକୁ ଯୋଜନା କରୁଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ; (ଖ) ଯଦି କୌଣସି ଚିକିତ୍ସା ପ୍ରଣାଳୀ ସରକାରୀ ନିୟନ୍ତ୍ରଣ ବିନା ଚାଲିଥାଏ, ତେବେ ଆଗାମୀ ଦିନରେ ତାହାକୁ ନେଇ ଗଭୀର ଅସୁବିଧା ସୃଷ୍ଟି ହେବା ସମ୍ଭାବନା ଅଛି ତେଣୁ ଏହା ପାଇଁ ଏକ ନିୟମିତ ଆଇନ ଏବଂ ନୀତି ପ୍ରଣୟନ ପାଇଁ ପଦକ୍ଷେପ ନେବେ କି?

----

### ଇଣ୍ଟରନେଟ, ମୋବାଇଲ ନେଟୱର୍କ ସଂଯୋଗ

1424 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ "ଡିଜିଟାଲ ଇଣ୍ଡିଆ" ଦାବୀ କରାଯାଉଥିବା ସତ୍ତ୍ୱେ ଅନେକ ଗ୍ରାମୀଣ, ପଛୁଆ ଅଞ୍ଚଳ ଓ ଆଦିବାସୀ ପ୍ରବଳ ଅଞ୍ଚଳରେ ଇଣ୍ଟରନେଟ୍, ମୋବାଇଲ୍ ନେଟୱର୍କ ଓ ଅନଲାଇନ୍ ସେବା ଏପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ ବୋଲି ଅଭିଯୋଗ ରହିଛି ; ଏ ପର୍ଯ୍ୟନ୍ତ ରାଜ୍ୟରେ କେତେ ଗ୍ରାମ ଓ ଗ୍ରାମପଞ୍ଚାୟତକୁ ବ୍ରଡବ୍ୟାଣ୍ଡ/ଇଣ୍ଟରନେଟ୍ ସଂଯୋଗ ଦିଆଯାଇଛି ଏବଂ କେତେ ଏପର୍ଯ୍ୟନ୍ତ ବଞ୍ଚିତ ତାହାର ଜିଲ୍ଲାୱାରୀ ବିବରଣୀ ରଖିବେ କି?

----

### ମହିଳା ହିଂସା ଘଟଣା

1425 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆଇନ ଶୃଙ୍ଖଳା ସୁଦୃଢ ଥିବା ବୋଲି ସରକାର ଦାବି କରୁଥିବା ସତ୍ତ୍ୱେ ହତ୍ୟା, ଦୁଷ୍କର୍ମ, ମହିଳା ହିଂସା ଘଟଣା ବୃଦ୍ଧି ପାଉଛି ; ରାଜ୍ୟର ଅପରାଧର ପ୍ରବଣତା କଣ ଓ ଦଣ୍ଡାଦେଶ (conviction) ହାର କେତେ-ତାହାର ଅପରାଧ ପ୍ରକାର ଓ ଜିଲ୍ଲାୱାରୀ ବିବରଣୀ ରଖିବେ କି?

----

### ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମାପନ ଓ ଜବାବଦାରି ବ୍ୟବସ୍ଥା

1426 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ଆଦିବାସୀ ପ୍ରବଳ ଅଞ୍ଚଳଗୁଡ଼ିକରେ ସାଧାରଣ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟରେ ଠିକ୍ ଭାବରେ ସେବା ମିଳୁନଥିବା ଅଭିଯୋଗ ରହିଛି ; ଲୋକାଭିମୁଖୀ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମାପନ (performance audit) ଓ ଜବାବଦାରୀ ବ୍ୟବସ୍ଥା ପାଇଁ ସରକାର କେଉଁ ସ୍ପଷ୍ଟ ନୀତିଗତ ପଦକ୍ଷେପ ଗ୍ରହଣ କରିଛନ୍ତି?

----

### ଖାଲିଥିବା ପଦବୀର ଜିଲ୍ଲାୱାରୀ ବିବରଣୀ

1427 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଆଦିବାସୀ ପ୍ରବଳ ଜିଲ୍ଲାଗୁଡ଼ିକରେ ଡାକ୍ତର, ନର୍ସ ଓ ପାରାମେଡିକ୍ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ ସରକାର ଏପର୍ଯ୍ୟନ୍ତ ଏହା ସମାଧାନ କରିପାରି ନାହାଁନ୍ତି ; ରାଜ୍ୟରେ ସ୍ୱୀକୃତ ପଦବୀ ତୁଳନାରେ ବର୍ତ୍ତମାନ କେତେ ପଦବୀ ଖାଲିଅଛି ତାହାର ଜିଲ୍ଲାୱାରୀ ବିବରଣୀ ରଖିବେ କି ; ଏହି ଅଭାବ କେବେ ସୁଦ୍ଧା ପୂରଣ କରାଯିବ?

----

### ବଜେଟ ବ୍ୟୟ ହାର କମ୍ ରହୁଥିବା ଅଭିଯୋଗ

1428 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ବଜେଟରେ ପ୍ରତିବର୍ଷ ଉନ୍ନୟନ, ଗରୀବ କଲ୍ୟାଣ ଓ ପଛୁଆଅଞ୍ଚଳ ବିକାଶ ପାଇଁ ବଡ ବଡ ଘୋଷଣା କରାଯାଉଥିବା ସତ୍ତ୍ୱେ ଅନେକ ବିଭାଗରେ ବଜେଟ୍ ବ୍ୟୟ ହାର ଅତ୍ୟନ୍ତ କମ୍ ରହୁଛି ବୋଲି ଅଭିଯୋଗ ରହିଛି ; ବିଭାଗୱାରୀ ଭାବେ କେତେ ଅର୍ଥ ବଜେଟରେ ମଂଜୁର ହୋଇଥିଲା ଏବଂ ବାସ୍ତବରେ କେତେ ଅର୍ଥ ବ୍ୟୟ ହୋଇଛି ତାହାର ବର୍ଷୱାରୀ ବିବରଣୀ ରଖିବେ କି?

----

### Composite AMC tender ଡକା ନଯିବା ସମ୍ପର୍କରେ

1429 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ସି.ଏଚ.ସି, ପି.ଏଚ.ସି, ଏସ.ଡି.ଏଚ ମାନଙ୍କରେ କାର୍ଯ୍ୟରତ ଡାକ୍ତର, ଫାର୍ମାସିଷ୍ଟ, ନର୍ସିଂଙ୍କ ବାସଗୃହ କେତେ ରହିଛି ; ବିଗତ 3 ବର୍ଷରେ କେତେ ନୂଆ ତିଆରି ହୋଇଛି ; ଯାହା ଆବଶ୍ୟକ କେବେ ସୁଦ୍ଧା ନିର୍ମାଣ ପାଇଁ ବ୍ୟବସ୍ଥା ରହିଛି ; Pharmacist ଙ୍କ ପଦୋନ୍ନତି ପରେ ଖାଲି ପଡିଥିବା ପଦବୀ ସଂଖ୍ୟା କେତେ ଓ ଫାର୍ମାସିଷ୍ଟ ନଥିବା ସ୍ଥଳେ ଉପୁଜୁଥିବା ଅସୁବିଧା ସମାଧାନ ପାଇଁ କି ବ୍ୟବସ୍ଥା କରାଯାଇଛି ; ରୋଗୀ ସ୍ଥାନାନ୍ତରିତ ପାଇଁ ଅଧିକା 15ଟି ଆମ୍ବୁଲାନ୍ସ ଯୋଗାଇଦେବାର ପ୍ରସ୍ତାବ ଗ୍ରହଣ କରାଯିବ କି ; କେତୋଟି ଶବ ବାହକ ଯାନ କାର୍ଯ୍ୟକ୍ଷମ ଅଛି ; ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ କେତେ ରାଶି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅଧୀନରେ ଯୋଗାଇ ଦିଆଯାଇଛି ; CHC ମାନଙ୍କର ଦୈନିକ ମରାମତି ଓ ରକ୍ଷଣାବେକ୍ଷଣ (ସିଭିଲ, ଇଲେକ୍ଟ୍ରିକାଲ, ଯାନ୍ତ୍ରିକ ଓ ଜଳ ଯୋଗାଣ) ସେବା ପାଇଁ Composite AMC tender ଡକା ନଯିବାର କିଛି କାରଣ ରହିଛି କି?

----

## ଆୟୁର୍ବେଦିକ ଡାକ୍ତର ସହ ଶାରିରୀକ ନୈତିକ ଉପଚାର

1430 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାଧାରଣ ଔଷଧ ଭେଜାଲ ବିକ୍ରି ହେବା ଫଳରେ ଜନସାଧାରଣ ଖାଇ ଭଲହେବା ପରିବର୍ତ୍ତେ କ୍ଷତି ହେଉଥିବା ସରକାର ଅବଗତ ଅଛନ୍ତି କି ; ସାଧାରଣ ସ୍ୱାସ୍ଥ୍ୟ ରୋଗ ପାଇଁ ଆୟୁର୍ବେଦକୁ ଅଧିକ ମାତ୍ରାରେ ବ୍ୟବହାର ପାଇଁ ଯୋଜନା କରିବେ କି ; ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣ ଆୟୁର୍ବେଦ ଜଡିବୁଟି ଉପରେ ନିର୍ଭର କରୁଛନ୍ତି ; ସରକାର ଆୟୁର୍ବେଦିକ ଡାକ୍ତରଙ୍କସହ, ଶାରିରୀକ ନୈତିକ ଉପଚାର, ଡାକ୍ତରଖାନା, ଲେବ, ଔଷଧ ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଆରମ୍ଭ କରାଇବେ କି?

----

## ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବଦଳି

1431 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ସମସ୍ତ ବିଭାଗରେ କାର୍ଯ୍ୟରତ ଉଚ୍ଚପଦସ୍ଥ, ଅଧିକାରୀ, କ୍ଲର୍କ, ପିଅନ ଗୋଟିଏ ବିଭାଗ, ଗୋଟିଏ ଜିଲ୍ଲା, ଏକ ସ୍ଥାନରେ କେତେ ବର୍ଷ ରହିବାର ପ୍ରାବଧାନ ରହିଛି ଏବଂ ନିୟମର କିଛି ନିର୍ଦ୍ଦେଶନାମା ଅଛି କି ; ସରକାରୀ ଚାକିରୀ ନିୟମ ଅନୁସାରେ ଧାର୍ଯ୍ୟ ହୋଇଥିବା ସମୟ ଠାରୁ ବହୁ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନ, ଗୋଟିଏ ଜିଲ୍ଲା ଅନ୍ତର୍ଗତ ବିଭାଗରେ ରହି ସରକାରଙ୍କ ନିୟମକୁ ଉଲଙ୍ଘନ କରୁଥିବା ବିଭାଗଙ୍କ ବିରୁଦ୍ଧରେ କି କି ପଦକ୍ଷେପ ନେଇଛନ୍ତି ; ବିଶେଷ କରି ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେତେଜଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି କ୍ଲର୍କମାନେ ଗୋଟିଏ ସ୍ଥାନରେ 10 ରୁ 15 ବର୍ଷ ପରେ ମଧ୍ୟ ବିଭିନ୍ନ ବିଭାଗରେ କେତେ ଜଣ ଅଛନ୍ତି ଏବଂ ସେମାନଙ୍କୁ ବଦଳୀ କରାଇବା ପାଇଁ ବିଭାଗ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେବେ କି?

----

## ଆସୁଥିବା ଯୋଜନା ସମ୍ପର୍କରେ

1432 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ 2024 ରୁ କେଉଁ ଯୋଜନା ଚାଲି ଆସୁଅଛି, ସେହି ମଧ୍ୟରୁ କେଉଁ କେଉଁ ଯୋଜନା ନୂଆ କରି ଲାଗୁ ହୋଇଛି ଓ କେଉଁଟି ପୁରୁଣା ଯୋଜନା ; ମାଲକାନଗିରି ଜିଲ୍ଲା ପାଇଁ ଉପରୋକ୍ତ ଯୋଜନା ସହ କିଛି ଅଲଗା ଯୋଜନା ରହିଛି କି ପ୍ରକାଶ କରିବା ସହ କେଉଁ ଯୋଜନାରେ FY 2024-25 ଓ 2025-26 ରେ କେତେ ଅନୁଦାନ ମିଳିଛି ଓ କେତେ ଖର୍ଚ୍ଚ ହୋଇପାରିନାହିଁ ପ୍ରକାଶ କରିବେ କି ; ସେହିପରି 2024 ବର୍ଷ ପରଠୁ ରାଜ୍ୟରେ କେଉଁ ପଲିସି ଗୁଡିକ ବଳବତ୍ତର ରହିଛି ପ୍ରକାଶ କରି ତାଲିକା ପ୍ରଦାନ କରିବେ କି?

----

## ଅପମିଶ୍ରଣ ଖାଦ୍ୟ ବିକ୍ରୀ

1433 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଏହା ସତ୍ୟ କି, ରାଜ୍ୟରେ ରାସ୍ତାକଡ ଫାଷ୍ଟଫୁଡ୍, ଗୁପଚୁପ୍, ଚାଟ୍ ମାନଙ୍କରେ ଓ ଅନେକ ଭୋଜନାଳୟ ଇତ୍ୟାଦିରେ ଫୁଡ୍ ଲାଇସେନ୍ସ ଓ ଫୁଡ୍ ମାନ ଠିକ୍ ଭାବରେ ଯାଞ୍ଚ ହେଉନାହିଁ ଯଦ୍ଦ୍ୱାରା ଅପମିଶ୍ରଣ ଖାଦ୍ୟ ବିକ୍ରି ହେଉଥିବା ଖବର ଗଣମାଧ୍ୟମରେ ନିତ୍ୟ ପ୍ରସାରଣ ହେଉଛି ; ତଦାରଖ କରି ଦଣ୍ଡ ବ୍ୟବସ୍ଥା କରାଯିବାରେ ବିଳମ୍ବ ହେଉଛି ; କି ପ୍ରକାର ଖାଦ୍ୟ ସାମଗ୍ରୀ ଅପମିଶ୍ରଣରେ ବିଗତ ତିନି ବର୍ଷରେ କେତେ ଜଣଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲା ଓ ମାସୱାରୀ ତଥ୍ୟ ପ୍ରଦାନ କରିବେ କି ; ରାଜ୍ୟରେ ଖାଦ୍ୟ ନିରୀକ୍ଷକ ପଦବୀ କେତେ ଓ କେତେ ଖାଲିଅଛି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; SHG ଦ୍ୱାରା ପ୍ରସ୍ତୁତ ଛତୁଆ କେନ୍ଦ୍ର ଗୁଡିକର ଫୁଡ୍ ତିଆରି ପାଇଁ କେଉଁ ପ୍ରକାର ନିର୍ଦ୍ଦେଶାବଳୀ ରହିଛି ଓ ତାକୁ କାହା ଦ୍ୱାରା ନିରିକ୍ଷଣ ହୁଏ ; ଫୁଡ୍ ଲାଇସେନ୍ସ ରହିଛି କି ତେବେ ପ୍ୟାକେଟରେ କେଉଁ କାରଣ ଯୋଗୁଁ ତାହା ପ୍ରକାଶ କରୁନାହାନ୍ତି ; ପ୍ରତି ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନିରୀକ୍ଷଣ ହୁଏନାହିଁ ; ଏହି ବିଷୟ ଗୁରୁତର ସହ ଆଲୋଚନା ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଥିବାରୁ ବିଶେଷ ଧ୍ୟାନ ଦେବେ କି?

----

## ଅର୍ଥ ଲଗାଣକାରୀ ସଂସ୍ଥାକୁ କାର୍ଯ୍ୟକ୍ଷମ

1434 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶା ଅର୍ଥ ନିଗମ କେବେଠାରୁ ବନ୍ଦଅଛି ; ଏହି ସଂସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସରକାରଙ୍କ ଆଭିମୁଖ୍ୟ କଣ ; ଅତୀତରେ ଏହି ସଂସ୍ଥା ଦ୍ୱାରା ଓଡିଶାର ଅନେକ ବେକାର ଶିକ୍ଷିତ ଯୁବକ, ଯୁବତୀ ଆତ୍ମନିର୍ଭରଶୀଳ ହୋଇ ଓଡିଶାର ବିକାଶରେ ସହାୟକ ହୋଇଥିଲେ ; ତେଣୁ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଚାର କରିବେ କି?

----

### ରୁଜୁ ହୋଇଥିବା ମାମଲା ସଂଖ୍ୟା

1435 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 1 ବର୍ଷ ମଧ୍ୟରେ ଦେବଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଥାନା ମାନଙ୍କରେ କେତେ ଅପର ପରାକ ମାମଲା ରୁଜୁ ହୋଇଛି ; ସେଥିରୁ କେତୋଟି ଅଭିଯୋଗର ସମାଧାନ ହୋଇଛି ଓ କେତୋଟି ଅଭିଯୋଗ ବକେୟା ରହିଛି ଏବଂ ସେଗୁଡିକର ସମାଧାନ ପ୍ରକ୍ରିୟା କେବେ ସୁଦ୍ଧା ସରିବ ତାର ଏକ ଥାନାୱାରୀ ତାଲିକା ପ୍ରଦାନ କରିବେ କି ; ତତ୍ ସଙ୍ଗେ ସଙ୍ଗେ କେତେ ଜଣଙ୍କୁ ପୋଲିସ ଗିରଫ କରି ଚାର୍ଜସିଟ୍ ଦାଖଲ କରିଛି?

----

### 108 ଆମ୍ବୁଲାନ୍ସ ସଂଖ୍ୟା

1436 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେତୋଟି 108 ଆମ୍ବୁଲାନ୍ସ ଚାଲିଛି ; ଓଡିଶାବାସୀଙ୍କ ପାଇଁ କେତେ ଆମ୍ବୁଲାନ୍ସ ଆବଶ୍ୟକ ; ବର୍ତ୍ତମାନ ଚାଲିଥିବା ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱ କେଉଁ ସଂସ୍ଥାକୁ ବାର୍ଷିକ କେତେ ଟଙ୍କା ଚୁକ୍ତିରେ ଦିଆଯାଇଛି?

----

### ବାଦ ପଡିଥିବା ସ୍ୱାସ୍ଥ୍ୟ ସେବାଗୁଡିକୁ ଅତିରିକ୍ତ ଭାବେ ସଂଯୋଗ

1437 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୂର୍ବ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅଧୁନା ପ୍ରଚଳିତ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ମଧ୍ୟରେ ପାର୍ଥକ୍ୟ ହେତୁ ରୋଗୀମାନେ ଅନେକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଖବର ସରକାର ଜାଣନ୍ତି କି ; ଯଦି ହଁ, ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁବିଧା ଦୃଷ୍ଟିରୁ ଆୟୁଷ୍ମାନ ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ବାଦ୍ ପଡିଥିବା ସ୍ୱାସ୍ଥ୍ୟ ସେବାଗୁଡିକୁ ଅତିରିକ୍ତ ଭାବେ ସଂଯୋଗ କରିବାକୁ ବିଚାର କରିବେ କି?

----

### ମେଡିକାଲ କଲେଜ ପ୍ରତିଷ୍ଠା

1438 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାର ଘୋଷଣା କରିଥିବା ସତ୍ୟ କି ; ଯଦି ହଁ, ତେବେ ମେଡିକାଲ କଲେଜ ନଥିବା ଦେବଗଡ ଜିଲ୍ଲାରେ ଏକ ମେଡିକାଲ କଲେଜ କେବେ ପ୍ରତିଷ୍ଠା କରାଯିବ?

----

### ବେସରକାରୀ ଚିକିତ୍ସାଳୟରେ ICU ର ସୁବିଧା

1439 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Clinical Establishments (Registration and Regulation) Act, 2010 ଓ ତାହାଅନୁଯାୟୀ ରାଜ୍ୟ ନିୟମାବଳୀରେ ଜରୁରୀ ପରିସ୍ଥିତିରେ କୌଣସି ଚିକିତ୍ସାଳୟ ଦ୍ୱାରା ଚିକିତ୍ସା ବିଳମ୍ବ ବା ଅସ୍ୱୀକୃତ କରାଯିବା ଅବୈଧ ବୋଲି ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ, ରାଜ୍ୟର କିଛି ବେସରକାରୀ ଚିକିତ୍ସାଳୟରେ ICU ବେଡ଼ ନଥିବା ଦର୍ଶାଇ ଜରୁରୀ ଚିକିତ୍ସା ପ୍ରଦାନରେ ଅବହେଳା ହେଉଥିବା ସମ୍ବନ୍ଧରେ ସରକାର ଅବଗତ ଅଛନ୍ତି କି; (ଖ) ସୁପ୍ରିମକୋର୍ଟଙ୍କ Parmanand Katara vs Union of India ମାମଲା ଓ ଅନ୍ୟାନ୍ୟ ରାୟରେ, ଜୀବନରକ୍ଷାକାରୀ ଚିକିତ୍ସାକୁ ଆର୍ଥିକ ଦେୟ ବା ବେଡ଼ ଉପଲବ୍ଧତା ସହିତ ଜଡ଼ି ଦେବାକୁ ଅସଂବିଧାନିକ ବୋଲି ଘୋଷିତ କରାଯାଇଥିବା ସତ୍ତ୍ୱେ, Ayushman Bharat / BSKY କାର୍ଡଧାରୀ ଗରିବ ରୋଗୀମାନଙ୍କୁ ICU ବେଡ଼ ଅନୁପଲବ୍ଧ ଦର୍ଶାଇ ଭର୍ତ୍ତି ନକରାଯାଉଥିବା ବେଳେ ନଗଦ ଦେଉଥିବା ରୋଗୀଙ୍କୁ ICU ସୁବିଧା ଦିଆଯାଉଥିବା ସମ୍ବନ୍ଧୀୟ ଅଭିଯୋଗ ଉପରେ ସରକାର କୌଣସି ତଦନ୍ତ କରିଛନ୍ତି କି ?

----

### MBBS ଓ BDS ଆସନ ସଂଖ୍ୟା

1440 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ମେଡିକାଲ୍ ଓ ଡେଣ୍ଟାଲ୍ କଲେଜଗୁଡ଼ିକରେ ବର୍ତ୍ତମାନ ଉପଲବ୍ଧ MBBS ଓ BDS ଆସନ ସଂଖ୍ୟା, କଲେଜ୍-ୱାରୀ ଭାବେ କେତେ; (ଖ) ଉକ୍ତ MBBS ଓ BDS ଆସନଗୁଡ଼ିକରେ SC, ST, OBC ଓ EWS ଶ୍ରେଣୀ ପାଇଁ ନିର୍ଦ୍ଧାରିତ ରିଜର୍ଭେସନ୍ ଆସନର ଶ୍ରେଣୀ-ୱାରୀ ବିଭାଜନ କେତେ; ଓଡ଼ିଶାର ଉଚ୍ଚ ଆଦିବାସୀ (ST) ଜନସଂଖ୍ୟା ଅନୁପାତକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ଚାଲୁଥିବା ଆସନ ବିନ୍ୟାସ (seat matrix) ଆଦିବାସୀ ସମୁଦାୟଙ୍କ ପ୍ରତିନିଧିତ୍ୱକୁ ପର୍ଯ୍ୟାପ୍ତ ଭାବେ ପ୍ରତିଫଳିତ କରୁଛି କି; ଯଦି ନୁହେଁ, ଏହାର ସମୀକ୍ଷା ଓ ସଂଶୋଧନ ପାଇଁ ସରକାର କୌଣସି ପଦକ୍ଷେପ ନେବେ କି ?

----

**Total number of nursing seats**

1441 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the govt. the total number of nursing seats (GNM, BSc, MSc) in Government and Private institutions in Odisha, and whether the Government has any approved or proposed plan to establish a new Government Nursing College in Sundargarh district, considering its large population and healthcare workforce shortage?

----

**ନିଖୋଜ ହୋଇଥିବା ଶିଶୁ ଓ ମହିଳାଙ୍କ ସଂଖ୍ୟା**

1442 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୨ ମସିହାଠାରୁ ଏପର୍ଯ୍ୟନ୍ତ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିଖୋଜ ହୋଇଥିବା ଶିଶୁ ଓ ମହିଳାମାନଙ୍କର ସଂଖ୍ୟା କେତେ; ସେମାନଙ୍କ ମଧ୍ୟରୁ ପୁନରୁଦ୍ଧାର (recovered) ଓ ଅପରିଷ୍କୃତ / ଅପେକ୍ଷାଧୀନ (pending) ମାମଲାର ଅଲଗା ଅଲଗା ବିବରଣୀ ପ୍ରଦାନ କରି କରିବେ କି, (ଖ) ଏହି ସମସ୍ତ ନିଖୋଜ ମାମଲାରେ ପୋଲିସ୍ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସହିତ ମଧ୍ୟମ ପ୍ରତିକ୍ରିୟା ସମୟ (average response time) କେତେ; ରାଉରକେଲାର ଶିଳ୍ପାଞ୍ଚଳ ଓ ପେରି-ଅର୍ବନ୍ (peri- urban) ଅଞ୍ଚଳଗୁଡ଼ିକରେ ମହିଳା ଓ ଶିଶୁ ସୁରକ୍ଷା, ରାତ୍ରିକାଳୀନ ପାଟ୍ରୋଲିଂ, ଏବଂ SC/ST ସମୁଦାୟଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଗୃହ ବିଭାଗ ଦ୍ୱାରା କେଉଁ କେଉଁ ବିଶେଷ ପଦକ୍ଷେପ / ଯୋଜନା ଗ୍ରହଣ କରାଯାଇଛି, ଏହି ଅଞ୍ଚଳଗୁଡ଼ିକରେ ଅପରାଧ ରୋକିବା ଓ ତଦନ୍ତ କ୍ଷମତା ବୃଦ୍ଧି ପାଇଁ ଅତିରିକ୍ତ ପୋଲିସ୍ ଶକ୍ତି, CCTV କଭରେଜ୍, ମୋବାଇଲ୍ ପେଟ୍ରୋଲିଂ ଏବଂ ସମୁଦାୟ-ଆଧାରିତ ପୋଲିସିଂ ବ୍ୟବସ୍ଥା ଶକ୍ତିଶାଳୀ କରିବା ସମ୍ବନ୍ଧରେ ସରକାର କୌଣସି ନୂତନ ପ୍ରସ୍ତାବ ବା କାର୍ଯ୍ୟଯୋଜନା ନେଇଛନ୍ତି କି?

----

**IT କ୍ଷେତ୍ରରେ ଚାକିରୀର ଜିଲ୍ଲାୱାରୀ ସଂଖ୍ୟା**

1443 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Black Swan Summit ପରେ ରାଜ୍ୟରେ ସ୍ୱାକ୍ଷରିତ ହୋଇଥିବା MoU ଗୁଡ଼ିକର ସଂଖ୍ୟା, ସେଥିରୁ ବାସ୍ତବ ନିବେଶରେ (actual investment) ପରିଣତ ହୋଇଥିବା ପ୍ରକଳ୍ପ ଓ ସୃଷ୍ଟି ହୋଇଥିବା ଚାକିରି ସଂଖ୍ୟା କେତେ—ତାହାର ଜିଲ୍ଲାୱାରୀ ବିବରଣୀ କ'ଣ; (ଖ) ରାଜ୍ୟର ବିଭିନ୍ନ ଜିଲ୍ଲାରେ Black Swan Summit ପରବର୍ତ୍ତୀ ସମୟରେ IT/ITeS କ୍ଷେତ୍ରରେ ସୃଷ୍ଟି ହୋଇଥିବା ଚାକିରିର ଜିଲ୍ଲାୱାରୀ ସଂଖ୍ୟା, ବିଶେଷକରି ଭୁବନେଶ୍ୱର ଓ ରାଉରକେଲା ପରି ଶିଳ୍ପ ଭିତ୍ତି ଓ ପ୍ରଶିକ୍ଷିତ ଯୁବଶକ୍ତି ଥିବା ଜିଲ୍ଲାମାନଙ୍କ ସନ୍ଦର୍ଭରେ, ଉପଲବ୍ଧ ଶିଳ୍ପ ଆଧାରଭୂତ ସଂରଚନା, ଟେକ୍ନିକାଲ୍ ସଂସ୍ଥାନ ଓ ଦକ୍ଷ ଯୁବଶକ୍ତି ଥିବା ସତ୍ତ୍ୱେ, ଭୁବନେଶ୍ୱର ଓ ରାଉରକେଲା ପରି ଜିଲ୍ଲାମାନଙ୍କ ମଧ୍ୟରେ IT ନିବେଶ ଓ ଚାକିରି ସୃଷ୍ଟିରେ ଦେଖାଯାଉଥିବା ଅସମତାର କାରଣ କ'ଣ ବୋଲି ସରକାର ମୂଲ୍ୟାୟନ କରୁଛନ୍ତି; ଉକ୍ତ ଅସମତା ଦୂର କରିବା ଓ ରାଉରକେଲା ସହିତ ଅନ୍ୟ ଟିଅର୍-୨ ଓ ଟିଅର୍—୩ ସହରଗୁଡ଼ିକୁ IT ନିବେଶ ଓ ଚାକିରି ସୃଷ୍ଟିରେ ସମାନ ଭାଗୀଦାର କରିବା ପାଇଁ ସରକାର କେଉଁ କେଉଁ ନୀତିଗତ / ପ୍ରୋତ୍ସାହନମୂଳକ ପଦକ୍ଷେପ ଗ୍ରହଣ କରିବେ ?

----

**ଚାକିରୀ ନିୟମିତକରଣ**

1444 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲରେ ଦୀର୍ଘ ୨୪ ବର୍ଷ ଧରି ସର୍ବ ପୁରାତନ ସ୍ୱାସ୍ଥ୍ୟ ପ୍ରକଳ୍ପ ଭାବରେ କାର୍ଯ୍ୟ କରିଆସୁଥିବା ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି (ଓସାକସ) ର କର୍ମଚାରୀମାନଙ୍କର ଚାକିରୀ ନିୟମିତୀକରଣ ପାଇଁ ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି-V (୨୦୨୪-୨୫) ତାହାର ପରିଚ୍ଛେଦ ୩୦ ରେ କରିଥିବା ସୁପାରିଶ ଉପରେ ରାଜ୍ୟ ସରକାର ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନେଇଛନ୍ତି ?

----

**ମୋ ସେବା କେନ୍ଦ୍ରର ସ୍ଥିତି**

1445 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲରେ ବିଗତ ସରକାରଙ୍କ ସମୟରେ ଓଡିଶା ଜନସାଧାରଣଙ୍କୁ ସମସ୍ତ ବିଭାଗର ସମସ୍ତ ସେବା ଯୋଗାଇ ଦେବପାଇଁ ଏକକୃତ ପୋର୍ଟାଲ "ଓଡିଶା ୱାନ" ଆରମ୍ଭ କରିଥିଲେ, ଏଥିପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ମୋ ସେବା କେନ୍ଦ୍ର ସ୍ଥାପନ କରିଥିଲେ, ଉକ୍ତ ସେବାକେନ୍ଦ୍ର ମାନଙ୍କୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦେବା ସହ ଗୃହ ଯୋଗାଇବା ପାଇଁ ପଞ୍ଚାୟତିରାଜ ବିଭାଗ ୧୧୩୩ ନଂ ତା.୨୯.୦୬.୨୦୨୨ ରିଖରେ ଏକ ଚିଠି ମଧ୍ୟ କରିଥିଲେ ଏବଂ ଏହାର ପରିଚାଳକମାନଙ୍କୁ ମାସିକ ପାରିଶ୍ରମିକ ଦେବା ପାଇଁ ବ୍ୟବସ୍ଥା କରିଥିଲେ, ଏବେ ରାଜ୍ୟରେ ପ୍ରା ୧୧୧୩୧ ମୋ ସେବା କେନ୍ଦ୍ରର ସ୍ଥିତି କ'ଣ, ଏହାର ଭବିଷ୍ୟତ ଯୋଜନା ସରକାରଙ୍କ ପାଖରେ କ'ଣ ଅଛି, ଏହା କେତେ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ ?

----

### Out Sourcing ସଂସ୍ଥାର ଚୟନ ପ୍ରକ୍ରିୟା

1446 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାର କେଉଁ କେଉଁ Out Sourcing ସଂସ୍ଥା ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗରେ କେତେ ପିଲାଙ୍କୁ କେଉଁ ଜାଗାରେ କେତେ ସଂଖ୍ୟାରେ ନିଯୁକ୍ତି ଦେଇଛନ୍ତି ଓ ସେମାନଙ୍କର ମାସିକ ବେତନ କେତେ ପ୍ରଦାନ କରୁଛନ୍ତି, ସେହି ସଂସ୍ଥା ଗୁଡିକର ଚୟନ ପ୍ରକ୍ରିୟା କିଭଳି ହେଉଛି ?

----

### CHC, PHC କୁ ଦିଆଯାଇଥିବା ମେଡିସିନର ପରିମାଣ

1447 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲରେ CHC, PHC ସବ୍ ସେଣ୍ଟରକୁ କେଉଁ କେଉଁ ମେଡିସିନ୍ ଓ ଅନ୍ୟ ସାମଗ୍ରୀ କେତେ ପରିମାଣ, କ'ଣ କ'ଣ ଦିଆଯାଉଛି ?

----

### Employee ଙ୍କ ସଂଖ୍ୟା

1448 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲରେ CHC, PHC ସବ୍ ସେଣ୍ଟର ମାନଙ୍କରେ କେଉଁ କେଉଁ ଜାଗାରେ କେତେ ଜଣ Employee କେଉଁ କେଉଁ ବିଭାଗରେ ଅଛନ୍ତି, କେଉଁ କେଉଁ ଜାଗାରେ ଖାଲିଅଛି ଏହାର ସବିଶେଷ ବିବରଣୀ ଦେବେ କି ?

----

### ପଞ୍ଚାୟତ ଗୁଡିକରେ ବ୍ୟାଙ୍କ ଶାଖାର ସୁବିଧା

1449 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ)ବସ୍ତା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ବ୍ୟାଙ୍କର ମୋଟ କେତେଟି ଶାଖା କେଉଁ ବ୍ଲକର କେଉଁ ପଞ୍ଚାୟତରେ ରହିଛି ଏବଂ ଯେଉଁ ପଞ୍ଚାୟତ ଗୁଡିକରେ ବ୍ୟାଙ୍କ ଶାଖା ନାହିଁ ସେଠାରେ କେବେ ସୁଦ୍ଧା ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦିଆଯିବ ଓ ଏଥି ନିମନ୍ତେ କେଉଁ କେଉଁ ବ୍ୟାଙ୍କକୁ ଦାୟିତ୍ୱ ପ୍ରଦାନ କରାଯାଇଛି ତାହା ଜଣାଇବେ କି, (ଖ) ଗତ ଦୁଇବର୍ଷରେ ବସ୍ତା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ କୃଷି ଋଣ, ବ୍ୟବସାୟ ଋଣ, ଶିକ୍ଷା ଋଣ ଓ ଆତ୍ମ ନିଯୁକ୍ତି ଋଣ ଦିଆଯାଇଛି ?

----

### ମହିଳା ସହାୟତା ଡେସ୍କ ପ୍ରତିଷ୍ଠା

1450 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର କେତେଗୋଟି ଥାନାରେ ମହିଳା ସହାୟତା ଡେସ୍କ ବା ସ୍ୱତନ୍ତ୍ର ସେଲ୍ ପ୍ରତିଷ୍ଠା କରାଯାଇଛି ଏବଂ ଗତ ଦୁଇବର୍ଷ ମଧ୍ୟରେ ମହିଳା ମାନଙ୍କ ଉପରେ ହେଉଥିବା ଲିଙ୍ଗଭିତ୍ତିକ ହିଂସାରେ ବସ୍ତା, ବାଲିଆପାଳ ଏବଂ ସିଂଲା ଥାନାରେ କେତେଗୋଟି ମାମଲା ରୁଜୁ ହୋଇଛି ଏବଂ ସେହି ମାମଲା ଗୁଡ଼ିକର ସମାଧାନର ହାର କେତେ ?

----

### ଆଇ.ଟି. ଶିକ୍ଷା ପାଇଁ ପଦକ୍ଷେପ

1451 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ଦୁଇବର୍ଷରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସ୍କୁଲ ଏବଂ କଲେଜଗୁଡ଼ିକରେ କମ୍ପ୍ୟୁଟର ଲ୍ୟାବ ଏବଂ ଇଲେକ୍ଟ୍ରୋନିକ୍ସରେ ଧନ୍ଦାମୂଳକ ତାଲିମ ସମେତ ଆଇ.ଟି. ଶିକ୍ଷା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବା ସହ ଏଥିପାଇଁ କେତେ ପାଣ୍ଠି ଆବଣ୍ଟନ କରାଯାଇଛି, ତାହାର ସ୍କୁଲ ଏବଂ କଲେଜ୍ ୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

### ପେନସନ ପ୍ରଦାନରେ ବିଳମ୍ବ

1452 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା କେତେ ସଂଖ୍ୟକ ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ପେନସନ ମଂଜୁର ହୋଇଯାଇଛି, କେତେଜଣ ପାଇବା ପାଇଁ ବାକି ଅଛନ୍ତି ଓ ପେନସନ ପ୍ରଦାନରେ ବିଳମ୍ବର କାରଣ ସମ୍ବନ୍ଧରେ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

### ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ନିମନ୍ତେ ପଦକ୍ଷେପ

1453 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଚେଷ୍ଟିତ ଥିବାବେଳେ, ଆଗାମୀ ଦିନରେ ବସ୍ତା ନିର୍ବାଚନ ମଣ୍ଡଳୀ ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

### ଅଭିଯୋଗ ଉପରେ ତଦନ୍ତ

1454 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ୫ ବର୍ଷରେ ଜିଲ୍ଲାପାଳ ମାନଙ୍କ ବିରୋଧରେ ଆସିଥିବା ଅଭିଯୋଗ ଓ ଅନିୟମିତତାକୁ ନେଇ ମହାମହୀ ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କେତୋଟି ଅଭିଯୋଗ ଆସିଛି ସେହି ଅଭିଯୋଗ ଉପରେ କଣ ତଦନ୍ତ ହୋଇଛି କି, କେଉଁ ଅଧିକାରୀ ତଦନ୍ତ କରିଛନ୍ତି, ବିଭାଗ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି ?

----

### ମହିଳା ଓ ଶିଶୁ ସହାୟତା କେନ୍ଦ୍ର

1455 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସଠିକ୍ ଭାବେ କାର୍ଯ୍ୟ କରୁଛି କି ଏବଂ ସେଠାରେ ସ୍ୱତନ୍ତ୍ର ମହିଳା ପୋଲିସ ଅଧିକାରୀ ନିୟୋଜିତ ଅଛନ୍ତି କି, ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ମହିଳା ବିରୋଧୀ ଅପରାଧ ସମ୍ପର୍କିତ କେତୋଟି ମାମଲା ରୁଜ୍ଜୁ ହୋଇଛି ଏବଂ ସେଥିରୁ କେତେ ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି ତାହାର ଉତ୍ତର ରଖିବେ କି, (ଖ) ରାୟଗଡ଼ା ଜିଲ୍ଲାରେ ବର୍ତ୍ତମାନ କେତୋଟି ସ୍ୱତନ୍ତ୍ର ସାଇବର ଥାନା କାର୍ଯ୍ୟ କରୁଛି, ଏହି ଥାନା ଗୁଡ଼ିକରେ ସାଇବର ଅପରାଧର ଯାଞ୍ଚ ପାଇଁ ଆବଶ୍ୟକୀୟ ଆଧୁନିକ ବୈଷୟିକ ଯନ୍ତ୍ରପାତି ଏବଂ ଦକ୍ଷ ଆଇଟି ବିଶେଷଜ୍ଞ ରହିଛନ୍ତି କି, ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାର କେଉଁ ଥାନାରେ କେତୋଟି ସାଇବର ଅପରାଧ ମାମଲା ରୁଜ୍ଜୁ ହୋଇଛି, ରୁଜ୍ଜୁ ହୋଇଥିବା ମୋଟ ମାମଲା ମଧ୍ୟରୁ କେତୋଟି ମାମଲାରେ ଚୂଡ଼ାନ୍ତ ତଦନ୍ତ ସରିଛି ଏବଂ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କର କେତେ ପରିମାଣର ଅର୍ଥ ପୋଲିସ ଦ୍ୱାରା ଫେରସ୍ତ କରାଯାଇଛି ?

----

### ପୂରଣ ହୋଇଥିବା ସ୍ୱାସ୍ଥ୍ୟ କର୍ମୀ ପଦବୀ ସଂଖ୍ୟା

1456 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡ଼ା ଜିଲ୍ଲାର ସମସ୍ତ ଚିକିତ୍ସାଳୟକୁ କେତେ ଜଣ ଡ଼ାକ୍ତର ଆବଶ୍ୟକତା ରହିଛି, ବର୍ତ୍ତମାନ କେତେ Allopathic Doctor, Ayush Doctor ଏବଂ କେତେ Homeopathic Doctor ରହିଛନ୍ତି, ଠିକ ସେହିପରି ଜିଲ୍ଲାରେ କେତେ ସ୍ୱାସ୍ଥ୍ୟ କର୍ମୀ ପଦବୀ ରହିଥିବା ବେଳେ କେତୋଟି ପଦବୀ ପୂରଣ ହୋଇଛି, ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଉପଖଣ୍ଡ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କେତେ ଟେକ୍ନିସିଆନ ଆବଶ୍ୟକ ରହିଛି କେତୋଟି ପଦବୀ ପୂରଣ କରାଯାଇଛି, ଜଣେ ନର୍ସ ମୁଖ୍ୟ ଚିକିତ୍ସାଳୟରେ ୧୦୦ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ତେଣୁ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ରୋଗୀ ଏଥିପ୍ରତି ସରକାର ଦୃଷ୍ଟି ଆକର୍ଷଣ କରି କେବେ ସୁଦ୍ଧା ସମସ୍ତ ପଦବୀ ପୂରଣ କରିବେ, (ଖ) ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ନିମନ୍ତେ ଅପରେସନ ଗୃହ ରହିଛି ସେହି ଅପରେସନ ଗୃହରେ ଅସ୍ଥିସଲ୍ୟ ରୋଗୀଙ୍କ ଅପରେସନ କରାଯିବା ପାଇଁ ମୁଖ୍ୟ ଚିକିତ୍ସାଳୟରେ ନୂତନ ଅସ୍ଥିସଲ୍ୟ ଅପରେସନ ଗୃହ ସହିତ ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତି ବ୍ୟବସ୍ଥା କରିବେ କି ?

----

### ନିରାମୟ କେନ୍ଦ୍ର ଗୁଡ଼ିକରେ ଔଷଧ ଗୁଡ଼ିକର ମାନ ପରୀକ୍ଷା

1457 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Which departments in the State have utilised less than 75 per cent of their budget allocations by January of the financial year, department-wise; (b) the reasons for such under-utilisation in these departments and the institutional mechanisms proposed to improve planning, timely execution and outcome-based budgeting ?

----

**Complaints regarding lack of proper guidance**

1546 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government is aware of complaints regarding lack of proper guidance and co-ordination at the Helpdesk of SCB Medical College, causing inconvenience to patients and attendants, (b) whether the Government proposes to revamp the Helpdesk with trained staff, clear signage and a transparent, patient-friendly system and whether ether any measures are being taken to prevent the role of middlemen and touts within the hospital premises and the timeline fixed for implementing these improvements ?

----

**Number of transfers have taken place since June 2024**

1547 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) how many transfers have taken place since June 2024 in the Health & Family Welfare Department, category-wise for superintendents, professors and assistant professors, year-wise and hospital-wise; (b) the details of such transfers, indicating the name/designation of the officer, the hospital from which transferred and the hospital to which transferred ?

----

**ଡାକ୍ତର ଅଭାବର ସ୍ଥାୟୀ ସମାଧାନ**

1548 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେଉଁ କେଉଁ ଜିଲ୍ଲାରେ କେତେ କେତେ ସଂଖ୍ୟାରେ ଡାକ୍ତର ପଦବୀ ଖାଲିଅଛି, ଡାକ୍ତର ଅଭାବଜନିତ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର କି କି ଯୋଜନାମାନ କାର୍ଯ୍ୟକାରୀ କରିବାକୁ ଚିନ୍ତା କରୁଛନ୍ତି ?

----

**ଯୋଜନାୱାରୀ ଅର୍ଥ ବ୍ୟୟ ବରାଦ ତାଲିକା**

1549 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଷମ କଟକ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଯୋଜନା ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା ; ଯୋଜନାୱାରୀ ଅର୍ଥ ବ୍ୟୟ ବରାଦ ତାଲିକା ପ୍ରଦାନ କରିବା ସହ କେଉଁ କେଉଁ ଯୋଜନାରେ କେତେ ଅର୍ଥ ବଳକା ରହିଛି ଏବଂ ଖର୍ଚ୍ଚ ହୋଇଛି ତାହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

**IT କମ୍ପାନୀର ସଂଖ୍ୟା**

1550 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବର୍ତ୍ତମାନ କେତୋଗୋଟି IT କମ୍ପାନୀ କେଉଁ କେଉଁ ସ୍ଥାନରେ ଅଛି, ଏହି କମ୍ପାନୀ ମାଧ୍ୟମରେ କେତେ ରୋଜଗାର ମିଳିଛି, ସେଥିମଧ୍ୟରୁ ଓଡ଼ିଆଙ୍କ ସଂଖ୍ୟା କେତେ, ତାହା ପ୍ରଦାନ କରିବେ କି ; (ଖ) ଗତ ଆ୦ ମାସ ମଧ୍ୟରେ କେତେଗୋଟି ନୂଆ IT କମ୍ପାନୀ ଓଡ଼ିଶାକୁ ଆସିଛି ଓ ସେମାନଙ୍କର ସ୍ଥିତି ଓ ରୋଜଗାର କେତେ ମିଳିଛି ?

----

**ଜେଲ୍ ଓ ସବ୍ ଜେଲ୍ ନିର୍ମାଣ**

1551 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅପରାଧିଙ୍କୁ ଦଣ୍ଡ ଦେବା ଲାଗି କେଉଁ ଜିଲ୍ଲାରେ କେତୋଟି ଜେଲ୍, ସବ୍ ଜେଲ ନିର୍ମାଣ ହୋଇଛି ; ଏହି ସବୁ ଜେଲର କ୍ୟାପାସିଟି କେତେ; ବର୍ତ୍ତମାନ କେଉଁ ଜେଲରେ କେତେ କୟଦି ସଜା କାଟୁଛନ୍ତି ?

----

**ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ**

1552 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 108 ଏବଂ 102 ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାର ତରଫରୁ କେଉଁ ନୂତନ ପଦକ୍ଷେପ କିମ୍ବା ଯୋଜନା ଗ୍ରହଣ କରାଯାଇଛି ; ଏହି ଆମ୍ବୁଲାନ୍ସଗୁଡିକର ରକ୍ଷଣାବେକ୍ଷଣ, ନିୟମିତ ସର୍ଭିସିଂ ଓ ମରାମତି ପ୍ରକ୍ରିୟାକୁ ସମୟବଦ୍ଧ ଏବଂ ସ୍ୱଚ୍ଛ ରଖିବା ପାଇଁ କେଉଁ ବିଶେଷ ବ୍ୟବସ୍ଥା ରହିଛି; ଅକ୍ଷମ, ଖରାପ ଅବସ୍ଥାରେ ଥିବା ଆମ୍ବୁଲାନ୍ସ ପୁନଃଚାଲୁ କରିବା କିମ୍ବା ପରିବର୍ତ୍ତନ ପାଇଁ କେବେ ସୁଦ୍ଧା ଏକ ସମଗ୍ର ପ୍ରସ୍ତାବ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି?

----

**ବାଙ୍ଗିରିପୋଷି ବ୍ଲକରେ TOWER ବସାଇବା ପାଇଁ ପଦକ୍ଷେପ**

1553 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବାଙ୍ଗିରିପୋଷି ବ୍ଲକ ଅଧିନସ୍ଥ ବ୍ରାହ୍ମଣଗାଁ, ଘାଟିକୁଆରୀ, ସରିଷପାଳ, ଚାକିଡି ଏବଂ କୁଲିଅଣା ବ୍ଲକ ଅଧିନସ୍ଥ ଚାନ୍ଦୁଆ ଗ୍ରାମପଞ୍ଚାୟତ ସୀମାନ୍ତ ଅଞ୍ଚଳରେ ଥିବା ଗ୍ରାମ କଖାରୁଶୋଳ, ଶ୍ରୀଚନ୍ଦନପୁର, ଦୁଧକୁଣ୍ଡି, ବାର୍ହାଗୋଞ୍ଜା ଜଙ୍ଗଲଘେରା ଥିବାରୁ ନେଟୱାର୍କ ସେବା କାମ କରୁନଥିବା କଥା ସରକାର ଜାଣନ୍ତି କି; ଯଦି 'ହଁ' ଏହି ଅଞ୍ଚଳରେ ତା'ହେଲେ ଏହି ଅଞ୍ଚଳରେ ଲୋକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି TOWER ବସାଇବାର ପଦକ୍ଷେପ ନେବେ କି ?

----

### ନୂତନ ଫାଣ୍ଡି ଖୋଲିବା ପାଇଁ ପ୍ରସ୍ତାବ

1554 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଶ୍ୟାମାଖୁଣ୍ଟା ବ୍ଲକର ଜନସାଧାରଣଙ୍କ ସୁରକ୍ଷା ପାଇଁ ଏବଂ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଶ୍ୟାମାଖୁଣ୍ଟା ବ୍ଲକରେ ବିଧାୟକ ଦେଇଥିବା ଏକ ନୂତନ ଫାଣ୍ଡି ଖୋଲିବାର ପ୍ରସ୍ତାବ ବିଷୟରେ ସରକାର କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏହା କେବେ ସୁଦ୍ଧା ପ୍ରତିଷ୍ଠା ହେବ ?

----

### ବାଙ୍ଗିରିପୋଷିରେ ଥିବା ଥାନା ଓ Out Post ର ସଂଖ୍ୟା

1555 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ରେ କେତୋଟି ଥାନା ଓ Out Post ରହିଅଛି ଏବଂ ସେଠାରେ କେତେ ପରିମାଣର Staff ରହିଛନ୍ତି ଏବଂ ଆଉ କେତେଜଣ ଦରକାର ରହିଛି ଏବଂ ବ୍ୟବହାର ପାଇଁ କେଉଁ ଗାଡି କେତୋଟି ରହିଅଛି ଏବଂ କେତୋଟି ଦରକାର ରହିଛି ତାହା କେବେସୁଦ୍ଧା ପ୍ରଦାନ କରାଯିବ ?

----

### ନିଜସ୍ୱ ଗୃହ ପାଇଁ ଜମି ଚିହ୍ନଟ

1556 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲାର କେଉଁ ଅଗ୍ନିଶମ କେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି, ଚାନ୍ଦୁଆ ଅଗ୍ନିଶମ କେନ୍ଦ୍ରର ନିଜସ୍ୱ ଗୃହ ପାଇଁ କେଉଁ ଠାରେ ଜମି ଚିହ୍ନଟ ହୋଇଛି ଓ କେବେ ଠାରୁ ଅଗ୍ନିଶମ କେନ୍ଦ୍ର ର ନିଜସ୍ୱ ଗୃହ କାର୍ଯ୍ୟ ଆରମ୍ଭ ହେବ ?

----

### ଡାକ୍ତରଖାନାରେ ପଦବୀ ପୂରଣ

1557 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ କେଉଁ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସରକାରୀ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ବର୍ଗର କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି, ତାହାର ଡାକ୍ତରଖାନାୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି, ମୟୁରଭଞ୍ଜ ଜିଲ୍ଲାରୁ କେଉଁ ଡାକ୍ତରଖାନାରୁ କେଉଁ ପଦରେ କେଉଁ ସ୍ଥାନକୁ ଡେପୁଟେସନ କେଉଁ କାରଣରୁ ରେ କେଉଁ ସ୍ଥାନ କୁ କରାଯାଇଛି ?

----

### Internet Services To Underdeveloped Villages

1558 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What Steps Are Being Taken To Provide Internet Services To Underdeveloped Villages, Especially The Remote, Tribal-Populated, And Hilly Villages In Gumma Block, What Is The Current Status Of The Bharatnet Phase-II Project In Gajapati District, And When Will High-Speed Broadband Services Be Operational In All Gram Panchayats Of Gumma Block and As People In Gumma Block Face Difficulties In Accessing Essential Digital Services (E-District, Banking, Educational Support) Due To Weak Or Nonexistent Connectivity At Cscs, What Measures Has The Government Taken To Address These Challenges, What Steps Are Being Taken To Ensure Effective Digital Connectivity And E-Governance Services In Gumma Block ?

----

### Bank Wise Details Of Deposits And Loan Disbursements

1559 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How Much Total Amount Have The National, Private, And Co-Operative Banks Received In Gajapati District And How Much Has Been Disbursed As Loans, Provide Bank-Wise And Block-Wise Details Of Deposits And Loan Disbursements, What Steps Are Being Taken To Increase Loan Disbursement In The District, How Many Panchayats In Gajapati District Currently Have Bánking Facilities And How Many Still Lack Such Facilities, Provide The Details Along With The Steps Being Taken To Ensure Banking Access In Panchayats That Do Not Yet Have It ?

----

**Establish A Medical College**

1560 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 1. As Gajapati District Lacks Advanced Healthcare Facilities, Forcing Patients To Seek Treatment Outside The District At High Cost, Will The Government Take Necessary Steps To Establish A Medical College Under A Government-Non-Government Partnership Model ? 2. How Many Organisations Have Expressed Interest In Setting Up Such An Institution In Gajapati District ?

----

**Outsourced Manpower Agencies**

1561 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 1. In Gajapati District, Which Government Departments And Government Undertakings Engage Outsourced Manpower Agencies ? 2. What Are The Details Of These Agencies, Along With The Category-Wise Number Of Employees Engaged Through Them ?

----

**Total Number Of Approved Home Guards**

1562 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What Is The Total Number Of Approved Home Guards In The State And How Many Of Them Are Currently In Service, What is The Minimum Educational Qualification Required For Appointment As A Home Guard, Since Strengthening Human Intelligence Is Essential For Gathering Information On Infiltrators And Anti-Social Elements, Is The Government Taking Steps To Provide Modern And Advanced Training To Home Guards, Is It Possible To Register Home Guards In The Government's Hrms At The Police Station Level Instead Of The District Police Headquarters ?

----

**ବିଧାୟକ ଭବନ ନିର୍ମାଣ ପାଇଁ ଯୋଜନା**

1563 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଧାୟକ ମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ ସରକାରୀ କାମ ସହ ନିର୍ବାଚନ ମଣ୍ଡଳୀର କାମ ସୂଚାରୁ ରୂପେ ସଂପାଦନ କରିବା ପାଇଁ ବିଧାୟକ ଭବନ ନିର୍ମାଣ ପାଇଁ ସରକାରଙ୍କ କଣ ଯୋଜନା ରହିଛି ଓ ଆଗକୁ ଏଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି?

----

**ସୌର ଶକ୍ତି ଉତ୍ସରୁ ବିଦ୍ୟୁତ ଶକ୍ତି ଉତ୍ପାଦନ**

1564 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ସୌର ଶକ୍ତି ଉତ୍ସରୁ ବର୍ତ୍ତମାନ କେତେ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେଉଛି ; (ଖ) ଆଗାମୀ ବର୍ଷରେ ସୌର ଶକ୍ତି ଉତ୍ସରୁ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି ଏଥିପାଇଁ ହିତାଧିକାରୀଙ୍କୁ କି ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ କେତେ ?

----

**ଟେଲିଫୋନ ସେବା ଅପହଞ୍ଚ**

1565 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି କେଉଁ କେଉଁ ବ୍ଲକର କେଉଁ କେଉଁ ଗ୍ରାମପଞ୍ଚାୟତରେ ଆଂଶିକ ଓ ସମ୍ପୂର୍ଣ୍ଣ ଭାବରେ ମୋବାଇଲ, ଟେଲିଫୋନ ସେବା ଅପହଞ୍ଚ ଅଛି ତାର ସବିଶେଷ ବ୍ଲକ ଓ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି; ଉକ୍ତ ସମସ୍ତ ଅଞ୍ଚଳରେ ମୋବାଇଲ ଟେଲିଫୋନ ସେବା ଯୋଗାଇଦେବା ପାଇଁ ସରକାରଙ୍କ ଯୋଜନା କଣ ଓ କେବେ ସୁଦ୍ଧା ସମ୍ପୃକ୍ତ ଗ୍ରାମ ପଞ୍ଚାୟତକୁ ଉକ୍ତ ସେବା ଯୋଗାଇ ଦେବେ ?

----

**ନୂତନ BSNL Tower ପ୍ରତିଷ୍ଠା**

1566 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ମ୍ବା ଓ ନରସିଂହପୁର ବ୍ଲକର କେଉଁ କେଉଁ ସ୍ଥାନରେ ନୂତନ BSNL, JIO ଓ ଅନ୍ୟାନ୍ୟ Tower ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଥିଲା, ତନ୍ମଧ୍ୟରୁ କେଉଁ କେଉଁ ସ୍ଥାନରେ କି କି କାର୍ଯ୍ୟ ଆରମ୍ଭ ହୋଇଅଛି ?

----

**MHU ପାଇଁ ଗାଡି Tender ବିଜ୍ଞାପନ**

1567 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଡପତି ଜିଲ୍ଲା MHU ପାଇଁ ଗାଡି ଟେଣ୍ଡର ବିଜ୍ଞାପନ ନଂ - ୭୮୩୮ ତାବୁଦ ତା. ୨୬.୦୯.୨୫ ରେ ଆହ୍ୱାନ କରାଯାଇଥିଲା ସେହି ବିଜ୍ଞାପନ ରେ ବୋଲେରୋ, ଟାଟା ସୁମୋ, ମହିନ୍ଦ୍ରା, ମାର୍ଶଲ ଗାଡି ଆହ୍ୱାନ କରାଯାଇଥିଲା, କିନ୍ତୁ ଗଜପତି ଜିଲ୍ଲା ଘାଟି ପାହାଡ, ପଥୁରିଆ ରାସ୍ତା ହୋଇଥିବା ଯୋଗୁଁ ଫୋର ହ୍ୱିଇଲ ଗିଅର ଗାଡି ଆଗରୁ ଲାଗିଥିବା, ବର୍ତ୍ତମାନ ସେହି ଟେଣ୍ଡର ବାତିଲ କରି ଫୋର ହ୍ୱିଇଲ ଗିଅର ଗାଡି ଆହ୍ୱାନ କରିବେ କି ?

----

**ରାଜ୍ୟରେ ଥିବା ସମସ୍ତ PSU ସଂସ୍ଥା ମାନଙ୍କରେ E.P.F. କର୍ମଚାରୀ ମାନଙ୍କୁ Pension ଲାଗୁ ସମ୍ପର୍କରେ**

1568 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସମସ୍ତ P.S.U. ସଂସ୍ଥା ମାନଙ୍କରେ E.P.F ଭୋଗୀ କର୍ମଚାରୀ ୧୦ ବର୍ଷ ଏବଂ ଏହାଠାରୁ ଅଧିକ ବର୍ଷ କାର୍ଯ୍ୟ କରି ଅବସର ନେବା ପରେ ବିନା Pension ରେ ପରିଣତ ବୟସରେ କିପରି ଚଳିବେ ସେଥିପ୍ରତି ଦୃଷ୍ଟିକୁ ନେଇ ସମସ୍ତଙ୍କ ପାଇଁ ପେନସନ ର ବ୍ୟବସ୍ଥା କରିବାକୁ ସରକାର କାର୍ଯ୍ୟକାରୀ କରିବା ପାଇଁ ସୁବ୍ୟବସ୍ଥା କରିବେ କି ?

----

**CDMO ପଦବୀ ପୂରଣ ସମ୍ପର୍କରେ**

1569 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଜି ସୁଦ୍ଧା ରାଜ୍ୟରେ ୪ ନିର୍ଦ୍ଦେଶାଳୟରେ ୪ଟି CDMO ପଦବୀ ଖାଲି ପଡିଥିବା ସତ୍ୟ ଅଟେ କି, ଉତ୍ତର ନାଁ ହେଲେ ଆଜସୁଦ୍ଧା କେତେ CDMO ପଦ ଖାଲି ପଡିଛି ଏବଂ ଉପରୋକ୍ତ ବିଭାଗରେ ଉପରୋକ୍ତ ପଦକ୍ଷେପ ନିମନ୍ତେ DPC କେବେ ଠାରୁ ସମ୍ପୂର୍ଣ୍ଣ ହୋଇ କେଉଁ କାରଣରୁ ଆଜ ସୁଦ୍ଧା ପୂରଣ ହୋଇପାରୁନାହିଁ ?

----

**ଅଗ୍ନିଶମ ବିଭାଗରେ ପଦବୀ ପୂରଣ ସମ୍ପର୍କରେ**

1570 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗୃହ ବିଭାଗୀୟ ଅଧିକାରୀ ସେମାନଙ୍କର ପୁଲିସ ବିଭାଗ ଠାରୁ ଅଗ୍ନିଶମ ବିଭାଗରେ କେତେ ପଦ ପଦବୀ ଖାଲି ଅଛି ସେସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିନଥିବା ବିଷୟ ସରକାରଙ୍କର ନଜିରରେ ଅଛି କି, ଉତ୍ତର ନାଁ ହେଲେ ଆଜସୁଦ୍ଧା କେତେ ପଦପଦବୀ ଖାଲି ଅଛି ?

----

**ଡାକଟିକଟ ପ୍ରଚଳନ ସମ୍ପର୍କରେ**

1571 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଥା ସମ୍ରାଟ୍ ସୁରେନ୍ଦ୍ର ମହାନ୍ତି, ମାଆ ରମାଦେବୀ, ମାଳତୀ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀଙ୍କ ନାମରେ ଡାକ ଟିକଟ ପ୍ରଚଳନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**"ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ପଦବୀ ପୁରଣ ସମ୍ପର୍କରେ"**

1572 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଥିବା କେଉଁ ଥାନା ଫାଣ୍ଡିରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ସି.ସି.ଆର / ପିଏଆର ସମୟାପଯୋଗୀ ପ୍ରଦାନ ସମ୍ପର୍କରେ**

1573 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକା ପ୍ରଦାନ ଦାୟିତ ଉପରିସ୍ଥ ଅଧିକାରୀଙ୍କର ହୋଇଥିବା ବେଳେ ସି.ସି.ଆର. / ପିଏଆର ଅଭାବରୁ ବହୁ କର୍ମଚାରୀ ପଦୋନ୍ନତିରୁ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ଏହାର ସମୟୋପଯୋଗୀ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, (ଖ) ସରକାରୀ କର୍ମଚାରୀମାନେ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ପ୍ରଦାନରେ ବିଫଳ ହେଉଥିବାରୁ ସେମାନଙ୍କ ବେତନ ବନ୍ଦ ସହିତ ସେମାନଙ୍କ ପଦୋନ୍ନତିକୁ ସାମୟିକ ସ୍ଥଗିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**ସୂଚନା ଓ ପ୍ରଯୁକ୍ତିର ବିକାଶ ସମ୍ପର୍କରେ**

1574 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ସୂଚନା ଓ ପ୍ରଯୁକ୍ତିର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**Website maintenance ପାଇଁ ଖର୍ଚ୍ଚ**

1575 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସରକାରଙ୍କର ବିଭିନ୍ନ department website maintenance, updation ଓ cloud hosting ପାଇଁ କେଉଁ କେଉଁ ସଂସ୍ଥାକୁ ନିୟୋଜିତ କରାଯାଇଅଛି ଓ ଏହାଦ୍ୱାରା ରାଜ୍ୟ ତହବିଲରୁ କେତେ କେତେ ଖର୍ଚ୍ଚ ହୋଇଅଛି ତାର ସବିଶେଷ ବିବରଣୀ (FY 2024-24 & FY 2025-26) ସରକାର ବିଭାଗୱାରୀ ଓ ସଂସ୍ଥାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ**

1576 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ କେଉଁ କେଉଁ ରୋଗର ନିଦାନ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଅଛି ଓ କେଉଁ କେଉଁ ରୋଗର ନିଦାନ ଓ ଚିକିତ୍ସା ବ୍ୟବସ୍ଥା ବାଦ ଦିଆଯାଇଅଛି, ଯାହାର ସୁବିଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଥିଲା ?

----

**Number of allegations violation of Book 47**

1577 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many allegations of violations of Book Circular 47 has been received by the Govt., Will the Govt. furnish the information district wise (particularly in the district of Kendrapara) and action taken there of from June 2024 till date ?

----

**Allocation of budget**

1578 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What was the allocation of Budget for the Home Department during current financial year, Will the Govt. furnish the details of allocation of budget and expenditure component / Plan / Project wise ?

----

**ରାଜସ୍ୱ ସଂଗ୍ରହର ବିବରଣୀ**

1579 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ୨୦୨୫ - ୨୬ ଆର୍ଥିକ ବର୍ଷରେ କେଉଁ କେଉଁ ସୂତ୍ରରୁ କେତେ କେତେ ରାଜସ୍ୱ ସଂଗ୍ରହ ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ଓ ଜାନୁୟାରୀ ୩୧ ସୁଦ୍ଧା ସେଥିମଧ୍ୟରୁ କେତେ କେତେ ରାଜସ୍ୱ ସଂଗ୍ରହ କରାଯାଇପାରିଛି ତାର ଏକ ବିସ୍ତୃତ ବିବରଣୀ ଦେବେ କି, (ଖ) ଶତ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ନିମନ୍ତେ ସରକାର କି କି ଅତିରିକ୍ତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ?

----

**Report to GoI**

1580 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Is it a fact that the 16th FC headed by Dr. Pangeria has submitted its report to GOI, If yes, has the govt. made any analysis as to what extent the state will be benefitted under its recommendations ?

----

**Health Institutions under NRHM**

1581 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Which are the Health Institutions taken up under NRHM for augmentation of health infrastures in Kendrapara dist and the amount sanctioned by govt. against each, (b) The details of progress in this field, May be furnished Block wise as on date ?

----

**ସୁପାରିଶର ବିବରଣୀ**

1582 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଷୋଡଦଶ ଅର୍ଥ କମିଶନ କେଉଁ କେଉଁ କ୍ଷେତ୍ରରେ ଓଡିଶା ରାଜ୍ୟ ପାଇଁ କି କି ସୁପାରିଶମାନ କରିଛନ୍ତି ତାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, (ଖ) ଏହି କମିଶନଙ୍କ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସ୍ମାରକ ପତ୍ରର ବିବରଣୀ ଉପସ୍ଥାପନ କରିବେ କି ?

----

**ଗ୍ରାମାଞ୍ଚଳରେ Telephone Tower ମାଧ୍ୟମରେ Network ସୁବିଧା ଯୋଗାଇଦେବା ସମ୍ପର୍କରେ**

1583 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଧୁନା କେତୋଟି ଗ୍ରାମାଞ୍ଚଳରେ Telephone Tower ନାହିଁ, ନେଟୱାର୍କ ପାଉନି, ଲୋକମାନଙ୍କୁ ନେଟୱାର୍କ ଖୋଜିବା ପାଇଁ ପାହାଡ଼, ଗଛ ଚଢିବାକୁ ପଡୁନି, ବିଲ ମଝିକୁ ଯିବାକୁ ପଡୁଛି ତାର ତଥ୍ୟ ଦେବାସହ Digital India, ବିକଶିତ ଓଡ଼ିଶା ନାରା (Slogan ) ସହ ବାସ୍ତବ କ୍ଷେତ୍ରରେ ସମସ୍ୟା ତାଳମେଳ ରହୁନି କାହିଁକି; ସରକାର କେବେ ସୁଦ୍ଧା ବିଶେଷ କରି ସବୁ ଦୁର୍ଗମ ଅଞ୍ଚଳକୁ ସୁବିଧା ଯୋଗାଇଦେବେ କି ?

----

**ଅର୍ଥର provision ବାବଦରେ ବିଭାଗୱାରୀ ତାଲିକା ସମ୍ପର୍କରେ**

1584 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Dec,31, 2005 ସୁଦ୍ଧା କେଉଁ କେଉଁ ବିଭାଗରେ କେତେ ଖର୍ଚ୍ଚ ହୋଇଛି କେତେ ଖର୍ଚ୍ଚ କରିବା ପାଇଁ ଟାର୍ଗେଟ ଥିଲା, କେଉଁ ବିଭାଗ ପାଇଁ 2025 - 26 ଆର୍ଥିକ ବର୍ଷର ବଜେଟରେ କେତେ ଟଙ୍କା provision ଥିଲା ଓ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାର ବିଭାଗୱାରୀ ତଥ୍ୟ ଦେବେ କି ;କେଉଁ ବିଭାଗ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ କେଉଁ ବିଭାଗର ପ୍ରଦର୍ଶନ ନୈରାଶ୍ୟଜନକ ?

----

**"Dental Doctor ପୂରଣ ସମ୍ପର୍କରେ"**

1585 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଧୁନା କେତେ ଜଣ Dental Doctor କାର୍ଯ୍ୟରତ ଅଛନ୍ତି ଓ ସେମାନଙ୍କର Cadre Rule ବିଷୟରେ ବିବରଣୀ ପ୍ରଦାନ କରିବେ କି ; ଯଦି Cadre Rule ହୋଇନାହିଁ ତେବେ କେବେ ହେବ କହିବେ କି; ଏତଦ ବ୍ୟତିତ Regular Dental Doctor ମାନଙ୍କର Promotion ନିୟମ ସମ୍ବନ୍ଧରେ ସରକାରଙ୍କର Guide line କଣ ଅଛି ଜଣାଇବା ସହ ରାଜ୍ୟରେ କେତେଜଣ Regular Dental Doctor ଅଛନ୍ତି ଓ କେଉଁ କେଉଁ Medical ମାନଙ୍କରେ Dental Doctor Post କେତେ ପରିମାଣରେ ଖାଲି ଅଛି, ପୁରଣ କେବେ ହେବ ?

----

"ବିଭିନ୍ନ ବିଭାଗରେ ଖାଲିଥଇବା ପଦବୀ ପୂରଣ ସମ୍ପର୍କରେ"

1586 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନ କେଉଁ କେଉଁ ବିଭାଗରେ କେତେ କର୍ମଚାରୀ ପଦ ଖାଲିପଡ଼ିଛି ଓ ସରକାର କେତେ ଖାଲିଥିବା ପଦବୀରେ ନିଯୁକ୍ତି ଦେବା ପାଇଁ ଚିନ୍ତା କରିଛନ୍ତି କେବେ ସୁଦ୍ଧା ଦେବେ; ସରକାର କୌଣସି ନୂତନ ନିଯୁକ୍ତି ପାଇଁ Notification କରିଛନ୍ତି କି; ଯଦି ହଁ ତେବେ ଆଗାମୀ ଦିନରେ ଯେପରି ପ୍ରଶ୍ନପତ୍ର ଲିକ ନ ହେବ, ପରୀକ୍ଷା ବାତିଲ ନ ହେବ, ନିଯୁକ୍ତି ପାଇଁ ଲାଞ୍ଚ କାରବାର ନହେବ ସେଥିପ୍ରତି ବିଭିନ୍ନ ନିଯୁକ୍ତି ପରୀକ୍ଷା ପରିଚାଳନା ସଂସ୍ଥାର କାର୍ଯ୍ୟକଳାପ ଉପରେ ତିକ୍ଷଣ ନଜର ରଖିବେ କି ?

----

ସୁଭଦ୍ରା ଯୋଜନା ପାଇଁ unproductive schemeରେ ଅର୍ଥ ପ୍ରଦାନ ସମ୍ପର୍କରେ

1587 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସରକାର ରାଜ୍ୟରେ ସୁଭଦ୍ରା ଯୋଜନା ଭଳି ଅନ୍ୟ କେଉଁ ପ୍ରକାର unproductive schemeରେ ସରକାର ମାଗଣାରେ ବାର୍ଷିକ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ୨୦୨୫-୨୬ ବର୍ଷରେ ଏହିଭଳି ଯୋଜନାରେ ମାଗଣାରେ ସରକାର ଋଣ କରୁଥିବା ଅର୍ଥ ମଧ୍ୟରୁ କେତେ ଟଙ୍କା ବ୍ୟୟ ପାଇଁ ବରାଦ ଥିବା ବେଳେ କେତେ ଖର୍ଚ୍ଚ ସରିଲାଣି; ଏହା ରାଜ୍ୟର କି ପ୍ରକାର ସମୃଦ୍ଧିରେ ସହାୟକ ହେଉଛି; ରାଜ୍ୟରେ ଥିବା ଲକ୍ଷ ଲକ୍ଷ ଯୁବକ ଯୁବତୀ ବେକାର ବସିଥିବାବେଳେ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସରକାର କିଛି ବ୍ୟବସ୍ଥା କରୁଛନ୍ତି କି; ଏହା ଦୀର୍ଘମିଆଦି କିମ୍ବା ସ୍ୱଳ୍ପମିଆଦୀ ହେବ; ଋଣ ଟଙ୍କାର ଉପରୋକ୍ତ ଦୁରୂପଯୋଗ ଯୋଗୁଁ ତା ଉପରେ କେତେ ଟଙ୍କାର ସୁଧ ମଧ୍ୟ ସରକାର ବହନ କରିବେ ?

----

ଅଭିଯୋଗ/ଆବେଦନ ପତ୍ର ପ୍ରଦାନରେ ସ୍ୱଚ୍ଛତା ସମ୍ପର୍କରେ

1588 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସମ୍ମାନୀୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କିମ୍ବା ମୁଖ୍ୟ ଶାସନ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାଜ୍ୟର ବିଭିନ୍ନ ଆଉଟ ସୋର୍ସିଂ ଆସୋସିଏନ/ୟୁନିୟନକୁ ରାଜ୍ୟର ଦୁଇ ମୁଖ୍ୟଙ୍କୁ ସାକ୍ଷାତ କରି ଅଭିଯୋଗ/ଆବେଦନ ପତ୍ର ପ୍ରଦାନ କରିବା ନିମନ୍ତେ ଅଧିକାରୀମାନେ ବାରଣ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିଛି କି; ଯଦି ହଁ, ସରକାରୀ ସ୍ତରରେ ଅଭିଯୋଗ/ ଆବେଦନ ପତ୍ର ପ୍ରଦାନରେ ତଥା ସ୍ୱଚ୍ଛ ଶାସନର ଉଦାହରଣ ସ୍ୱରୂପ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନଙ୍କୁ ସାକ୍ଷାତ ନକରିବା ପାଇଁ କୌଣସି ଆଦେଶ ଥିଲେ ତାହାକୁ ପ୍ରତ୍ୟାହାର କରିବେ କି ?

----

ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ ରେ ଆବମାନନା ସମ୍ପର୍କରେ

1589 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସାଧାରଣ ପ୍ରଶାସନ ତଥା ସାଧାରଣ ପ୍ରଶାସନ ବିଭାଗ ପତ୍ରସଂଖ୍ୟା ଯଥାକ୍ରମେ 7982 ତା. 27.03.2024 ଓ ନଂ୫୩୬୫ତା.12.03.2024 ଅନୁଯାୟୀ କେଉଁ ବିଭାଗର କେଉଁ କାର୍ଯ୍ୟାଳୟରେ ଆଦେଶାନୁଯାୟୀ ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ କରାଯାଉଛି, କେଉଁ ବିଭାଗ ଅଧୀନ କେଉଁ କାର୍ଯ୍ୟାଳୟ ଗୁଡିକ ଆଦେଶକୁ ଅବମାନନା କରି ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ କରିନାହାନ୍ତି ତାର ଏକ ତାଲିକା ପ୍ରଦାନ କରିବେ କି, ଆଦେଶ ଅନୁପାଳନରେ ଜାଣିଶୁଣି ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କି ପ୍ରକାର କାଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କିମ୍ବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ?

----

ଇଲୋକ୍ଟ୍ରୋ ହୋମିଓପାଥି ଡାକ୍ତରମାନଙ୍କୁ ସୀକୃତୀ ପ୍ରଦାନ ସମ୍ପର୍କରେ

1590 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ସରକାରୀ/ବେସରକାରୀ/ସ୍ୱିକୃତିପ୍ରାପ୍ତ ଇଲେକ୍ଟ୍ରୋ ହୋମିଓପାଥି କଲେଜ ଅଛି, ବର୍ତ୍ତମାନ ସୁଦ୍ଧା କେଉଁ କଲେଜ ମାନଙ୍କରୁ କେତେଜଣ ଉତୀର୍ଣ୍ଣ ହୋଇ ଚିକିତ୍ସା ସେବା ଯୋଗାଉଛନ୍ତି, ଏହି ଡାକ୍ତରମାନେ କେଉଁ ବିଭାଗ ଅଧୀନରେ କାର୍ଯ୍ୟରତ ଓ ସେମାନଙ୍କର ଚିକିତ୍ସା ପ୍ରଣାଳୀ ଓ ଶିକ୍ଷା କେଉଁ ବିଭାଗର କେଉଁ ବିଭାଗର ଅନୁମୋଦନ ସହ ନିୟନ୍ତ୍ରିତ ହେଉଛି, ଯଦି ଡାକ୍ତର ଓ ଚିକିତ୍ସା ସେବାକୁ ସ୍ୱୀକୃତି ପ୍ରଦାନ କରାଯାଇନାହିଁ ଏହାର କାରଣ କଣ ହୋଇଥାଇପାରେ, ଏହି ଚିକିତ୍ସାର ମାନ, ଗଣବତ୍ତା ଓ ସ୍ୱଳ୍ପ ଖର୍ଚ୍ଚକୁ ବିଚାର କରି ରାଜସ୍ଥାନ ଓ ଅନ୍ୟ ରାଜ୍ୟମାନଙ୍କ ଭଳି ସ୍ୱୀକୃତି ପ୍ରଦାନ ଦିଗରେ କିଛି ପଦକ୍ଷେପ ନେଇଛନ୍ତି କି ରାଜ୍ୟର ଅନେକ ଜିଲ୍ଲାରେ ଏହି ଚିକିତ୍ସାର ବହୁଳ ଉପଲବ୍ଧି ଏବଂ ଆଗ୍ରହ ଯୋଗୁଁ ସ୍ୱୀକୃତି ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ନେବେ କି ?

----

ଚାକିରୀ ନୟମିତ କରିବା ସମ୍ପର୍କରେ

1591 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ରକ୍ତଭଣ୍ଡାର ମାନଙ୍କରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶତାଧିକ କର୍ମଚାରୀ ଅସ୍ଥାୟୀ ଭାବେ (24x7) କାର୍ଯ୍ୟ କରୁଥିବା ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ ତେବେ ଉକ୍ତ କର୍ମଚାରୀ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଦେବା ସହ ଏମାନଙ୍କୁ ଦିନ ମଜୁରିଆ ଭାବରେ ବିବେଚନା ନ କରି ଏବଂ ଏମାନଙ୍କର ସେବାର ଗୁରୁତ୍ୱ କୁ ଉପଲକ୍ଷିକରି ତୁରନ୍ତ ସେମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ନେବେ କି ?

----

**MACP ପ୍ରଦାନ**

1592 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବାସଙ୍ଘର ସାତ ଦଫା ଦାବି ସମ୍ବନ୍ଧରେ ଅବଗତ ଅଛନ୍ତି କି ଯଦି ହଁ ତେବେ ସେମାନଙ୍କ ପଦୋନ୍ନତି, MACP, ପୂରାତନ ପେନସନ୍ ଧାରା ଓ କ୍ୟାଡର ରୁଲ୍ ସମ୍ବନ୍ଧୀୟ ସମସ୍ୟାଗୁଡିକର ନିରାକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦେବେ କି ?

----

**ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି କରଣ**

1593 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲା Govt. Medical College & Hospital (GMCH) ରେ ଅର୍ଥୋପେଡିକ ବିଭାଗ ସଂପୂର୍ଣ୍ଣ ଭାବରେ ଚାଲୁ ହେଲାଣି କି ନାହିଁ ତାହା ଜାଣନ୍ତି କି ଏଠାରେ କାର୍ଯ୍ୟରତ ଥିବା ବିଭିନ୍ନ ବର୍ଗର ଡାକ୍ତରଓ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା କେତେ ଏବଂ ବର୍ତ୍ତମାନ ସୁଦ୍ଧା ଏଠାରେ କେତୋଟି Major ଓ Minor Operation ହୋଇଛି ତାର ଏକତାଲିକା ଦେବା ସହ କେତୋଟି ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ପଠାଯାଇଛି ବା refer କରାଯାଇଛି ତାର ଏକ ତାଲିକା ଦେବେ କି ବିଗତ 1 ବର୍ଷରେ GMCH ର Orth. OPD ରେକେତେଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ବା ଯାଞ୍ଚ ହୋଇଛି ତାର ଏକ ହିସାବଦେବା ସହ ଉକ୍ତ ବିଭାଗର ଉନ୍ନତୀ କରଣ ପାଇଁ କଣ ପଦକ୍ଷେପ ନେବେ ?

----

**ପେନସନ୍ ପ୍ରଦାନ**

1594 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 2023 ମସିହାରୁ ପୋଲିସ ସଂଗଠନର ବିଭିନ୍ନ ଜିଲ୍ଲା ଓ ସଂସ୍ଥାରୁ ଅବସର ଗ୍ରହଣ କରିଥିବା inspector ଙ୍କ ସଂଖ୍ୟା କେତେ, (କ) ସେମାନଙ୍କ ପେନସନ ପେପର ବିଭିନ୍ନ ଜିଲ୍ଲା ଓ ସଂସ୍ଥାରୁ କେତେ ତାରିଖରେ recieve ହୋଇଛି ଓ କେତେ ତାରିଖରେ AG କୁ ପଠା ଯାଇଛି ଜଣାଇବା ସହିତ on line ରେ pension କାଗଜପତ୍ର ପଠେଇବା ପାଇଁ AG ର ସ୍ୱଷ୍ଟ ନିର୍ଦ୍ଦେଶ ଥିବା ବେଳେ Hard କପି ପାଇଁ pension ବିଳମ୍ବିତ କରୁଥିବା ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି କହିବେ କି, କୌଣସି ସରକାରୀ dues pending ନ ଥାଇ 100 percent ପରିବର୍ତ୍ତେ 50 percent gratuity release ପାଇଁ କେଉଁ କେଉଁ ଇନ୍ସପେକ୍ଟରଙ୍କ ନାମ AG କୁ ସୁପାରିଶ କରା ଯାଇଛି ଓ କାରଣ କଣ, (ଖ) ସେମାନଙ୍କ ଆର୍ଥିକ କ୍ଷତି ପାଇଁ ଦାୟୀ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆ ଯାଇଛି ଜଣାଇବା ସହିତ ରାଜ୍ୟ ମୁଖ୍ୟାଳୟରେ ଉକ୍ତ କାର୍ଯ୍ୟ କରିବା ପାଇଁ ସଂପୃକ୍ତ ସେକ୍ସନ ରେ କେତେ ଜଣ କର୍ମଚାରୀ କେବେ ଠାରୁ ନିୟୋଜିତ ଅଛନ୍ତି, ନିୟମିତ ବ୍ୟବଧାନରେ ସେମାନଙ୍କ ବଦଳି ହେଉଛି କି, ଯଦି ନା, କେବେ ସୁଦ୍ଧା ସେମାନଙ୍କୁ ବଦଳି କରିବେ ?

----

**ଆତ୍ମଦାହ ଘଟଣାର ତଦନ୍ତ**

1595 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଘଟିଥିବା ସୌମ୍ୟଶ୍ରୀ ବିଶି ଆତ୍ମଦାହ ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ କେତେଜଣଙ୍କ ସାକ୍ଷ ଗ୍ରହଣ କରିଛନ୍ତି, କେତେଜଣଙ୍କୁ ଅଭିଯୁକ୍ତ ତାଲିକାରେ ରଖିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଗିରଫ କରିଛନ୍ତି, କେତେ ଚାର୍ଜସିଟ୍ ଦାଖଲ କରିଛନ୍ତି ଏବଂ ଏହାର ପୂର୍ଣ୍ଣାଙ୍ଗ ଚାର୍ଜସିଟ୍ କେବେ ଦାଖଲ ହେବ ?

----

**ରେଳ ବଜେଟ ଖର୍ଚ୍ଚ ସମ୍ପର୍କରେ**

1596 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 2024-25ଓ 2025-26 ଆର୍ଥିକ ବର୍ଷରେ ରେଳବିଭାଗ ପକ୍ଷରୁ ବଜେଟ୍ ରେ ଓଡିଶାକୁ କେତେ ଟଙ୍କା ଆବଣ୍ଟିତ ହୋଇଥିଲା ଏବଂ ସେଥିରୁ କେତେଟଙ୍କା ଖର୍ଚ୍ଚ ହୋଇଛି ଖର୍ଚ୍ଚ ହୋଇପାରିନଥିବା ଅର୍ଥ କେନ୍ଦ୍ର ସରକାରଙ୍କୁ ଫେରିଯାଇଛି ନା ପରବର୍ତ୍ତୀ ବର୍ଷର ବଜେଟ୍ ରେ ଏହି ଖର୍ଚ୍ଚ ହୋଇନଥିବା ଅର୍ଥ ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଛି ?

----

**Trauma Care Centre ଖୋଲିବାକୁ ପଦକ୍ଷେପ**

1597 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ 57 ରେ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି ଏଠାରୁ ପ୍ରାୟ 50 ରୁ 100 କି.ମି. ଦୂରରେ Fakirmohan Medical College ରହିଥିବା ବେଳେ ଜଳେଶ୍ୱର ଠାରେ ଏକ Trauma Centre ଖୋଲିବା ପାଇଁ ଦାବୀ ହେଉଛି ଏ ଦିଗରେ ଦୃଷ୍ଟି ଦେବେ କି ?

----

### NHM ଏବଂ ଡାକ୍ତରଙ୍କ ଚାକିରୀ ନିୟମିତ କରିବାକୁ ପଦକ୍ଷେପ

1598 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାରା ଓଡିଶାରେ ସ୍ୟାସ୍ଥ୍ୟ ବିଭାଗରେ 20 ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରୀ ଠିକାରେ କାର୍ଯ୍ୟରତ NHM କର୍ମଚାରୀ ଓ ଆୟୁଷ ଡାକ୍ତର ମାନଙ୍କୁ ନିୟମିତ କରିବାର କିଛି ଯୋଜନା ରହିଛି କି, ଏଥିପାଇଁ କୌଣସି Committee ଗଠନ କରାଯାଇ ବିଚାର ବିମର୍ଶ ହୋଇଛି କି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ କି ?

----

### ଜିଲ୍ଲାସ୍ତରୀୟ ସମୀକ୍ଷା କମିଟି ଗଠନ

1599 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଲିଡ୍ ବ୍ୟାଙ୍କ ସ୍କିମ୍ ଅନ୍ତର୍ଗତ ବଲାଙ୍ଗିର ଜିଲ୍ଲାର ଜିଲ୍ଲାସ୍ତରୀୟ ସମିକ୍ଷା କମିଟୀ (District Level Review Committee ) ଗଠନ କରାଯାଇଛି କି, ଯଦି ହଁ ତେବେ କେଉଁ ଉନ୍ନୟନ ବିଭାଗ, ଆର୍ଥିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ କିମ୍ବା ସଂସ୍ଥାକୁ ଉକ୍ତ କମିଟୀରେ ସଦସ୍ୟ ଭାବେ ଗ୍ରହଣ କରାଯାଇଛି ; (ଖ) ବିଗତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ କମିଟୀର ବୈଠକ ଅନୁଷ୍ଠିତ ହୋଇଅଛି କି, ଯଦି ହଁ ତେବେ କେଉଁ କେଉଁ ଦିନ ବା ତାରିଖରେ ଅନୁଷ୍ଠିତ ହୋଇଥିଲା ଏବଂ କଣ ସବୁ ପ୍ରସ୍ତାବ ବା ସିଦ୍ଧାନ୍ତ ଗ୍ରହଣ କରାଗଲା, ତାହାର ବୈଠକ ୱାରୀ ତଥ୍ୟ ପ୍ରଦାନ କରିବେ କି, ଏବଂ ଉକ୍ତ କମିଟୀରେ ଜିଲ୍ଲାର ମାନ୍ୟବର ସାଂସଦ ଏବଂ ବିଧାୟକଙ୍କୁ ମଧ୍ୟ ଅର୍ନ୍ତଭୁକ୍ତ କରାଯିବା କିମ୍ବା ବୈଠକରେ ଆମନ୍ତ୍ରିତ କରାଯିବାର ପ୍ରାବଧାନ ଅଛି କି, ଯଦି ହଁ, ତେବେ କେଉଁ ବୈଠକରେ କେଉଁ କେଉଁ ମାନ୍ୟବର ବିଧାୟକ ଓ ସାଂସଦଙ୍କୁ ନିମନ୍ତ୍ରିତ କରାଯାଇଥିଲା, ତାହାର ମଧ୍ୟ ବୈଠକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

### ଆରୋଗ୍ୟ ମନ୍ଦିର ଗୁଡିକ କାର୍ଯ୍ୟକ୍ଷମରେ ବିଳମ୍ବ

1600 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ତୁରେକେଲା ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଆୟୁଷ୍ମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିବାରୁ ଅଂଚଳର ଲୋକେ ସାସ୍ଥ୍ୟ ସେବାକୁ ବଂଚିତ ହେଉଥିବା ଆରୋଗ୍ୟ ମନ୍ଦିର (ଉପ ସାସ୍ଥ୍ୟ କେନ୍ଦ୍ର) ମାନ ନିର୍ମାଣ ହୋଇଅଛି କିନ୍ତୁ ସେଗୁଡିକ ବର୍ତମାନ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ତେବେ ଉକ୍ତ ଆରୋଗ୍ୟ ମନ୍ଦିର ଗୁଡିକୁ କେଉଁ କାରଣରୁ କାର୍ଯ୍ୟକ୍ଷମ କରାଯାଇ ନାହିଁ ଓ କେବେ ସୁଦ୍ଧା ସାସ୍ଥ୍ୟସେବା ଯୋଗେଇ ଦିଆଯିବ ; (ଖ) ବର୍ତମାନ ସୁଦ୍ଧା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ଅଧୀନସ୍ଥ କେଉଁ କେଉଁ ଗ୍ରାମ ପଂଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି, ଏଥିପାଇଁ ପ୍ରକଳ୍ପ ୱାରୀ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ କେଉଁ ସଂସ୍ଥା ଜରିଆରେ କେଉଁ ସମ୍ପାଦନକାରୀ / ଠିକାଦାରଙ୍କୁ ନିୟୋଜିତ କରାଯାଇଥିଲା, ଉକ୍ତ ପ୍ରକଳ୍ପ ଗୁଡିକର ବର୍ତମାନ ସ୍ଥିତି କଣ ?

----

### ଟେଲିକମ୍ ଟାୱାର ସ୍ଥାପନ

1601 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଗ୍ରାମରେ ଟେଲିକମ୍ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ସରକାର ପ୍ରାପ୍ତ କରିଥିଲେ, ସେମଧ୍ୟରୁ ବର୍ତମାନ ସୁଦ୍ଧା କେଉଁ ଗ୍ରାମରେ ଟାଓ୍ବାର ସ୍ଥାପନ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଟେଲିକମ୍ ଓ ଇଣ୍ଟରନେଟ୍ ସୁବିଧା ଯୋଗେଇ ଦିଆଯାଇଛି ବା ନିର୍ମାଣାଧନ ଅଛି ଏବଂ ଆହୁରି କେତେ ଗୋଟି ପ୍ରକଳ୍ପ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରି ଅପେକ୍ଷାରେ ଅଛି ?

----

### CHC, PHC ରେ Outsourcing ନିଯୁକ୍ତି

1602 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର Medical Collage ଏବଂ ବାଲେଶ୍ୱର ଜିଲ୍ଲା ଅଧିନରେ ଥିବା CHC, PHC ଗୁଡିକରେ ନୂତନଭାବେ Outsourcing ମାଧ୍ୟମରେ କେଉଁ କେଉଁ ପଦବୀରେ କେତେ ପିଲାଙ୍କୁ ନିଯୁକ୍ତି ଦିଆଯାଇଛି ସେଥିମଧ୍ୟରୁ ସ୍ଥାନୀୟ ଜିଲ୍ଲାର ପିଲାସଂଖ୍ୟା କେତେ ଓ ଅନ୍ୟଜିଲ୍ଲାରେ କେତେ ପିଲା ନିଯୁକ୍ତି ପାଇଛନ୍ତି କେଉଁ ସଂସ୍ଥାକୁ ନିଯୁକ୍ତି ଦିଆଯାଇଛି , କେଉଁ ପ୍ରକ୍ରିୟାରେ ନିଯୁକ୍ତି ପାଇଛନ୍ତି, କେତେ ଟଙ୍କାର କେଉଁ ସଂସ୍ଥା Tender ପାଇଛି, ସମୁଦାୟ କେତେ Post ପାଇଁ ସଂପୃକ୍ତ ସଂସ୍ଥା ନିଯୁକ୍ତି ଦେଇଛି ?

----

## ଜମିକୁ ଜାଲିଆତି କରି ବିକ୍ରି ହୋଇଥିବା ସମ୍ପର୍କରେ

1603 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Weired Industry ltd. ଏବଂ Weired Agro ltd. ଚିଟଫଣ୍ଡ ସଂସ୍ଥା ଲୋକମାନଙ୍କଠାରୁ କୋଟି କୋଟି ଟଙ୍କା ନେଇ ଚିଟଫଣ୍ଡ ଅନ୍ତର୍ଗତ ହୋଇଥିଲେ ମଧ୍ୟ ସେ ସଂସ୍ଥା ନାମରେ ଥିବା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ତହସିଲ ଅଧିନରେ ଜଗା କାଳିଆ ଠାରେ ଥିବା ଜମିକୁ କିପରି ଜାଲିଆତି କରି 2025 ମସିହାରେ ବିକ୍ରି କରାଗଲା ଏବଂ ସେ ସଂସ୍ଥାରେ ଲୋକମାନେ ରଖିଥିବା ରଙ୍କା ପାଇବେ ଏବଂ ସେ ମାଲିକ ଉପରେ କାର୍ଯ୍ୟାନୁଷ୍ଠାନ ଦେବେ କି ନାହିଁ ଉକ୍ତ ସଂସ୍ଥାର ସମସ୍ତ ସମ୍ପତ୍ତି ବ୍ୟାଜାପ୍ତ କରି ହିତାଧିକାରୀଙ୍କ ଟଙ୍କାକୁ ଫେରସ୍ତ କରିବାର ବ୍ୟବସ୍ଥା କରିବେ କି ?

----

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା

1604 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶ କାରୀ ଚିହ୍ନଟ ପ୍ରକ୍ରିୟାର ସ୍ଥିତାବସ୍ଥା କଣ ଏଥିପାଇଁ SOP କିଛି ଜାରି ହୋଇଛି କି ସନ୍ଦିଗ୍ଧ ବା ଚିହ୍ନଟ କେତେ ଅନୁପ୍ରବେଶକାରୀ ଅଦ୍ୟାବଧି ଅଛନ୍ତି ଜିଲ୍ଲାୱାରୀଏକ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଆଗାମୀ ଦିନରେ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବେ କି ?

----

## "ଡାକ ଟିକଟ ପ୍ରଚଳନ" ସମ୍ପର୍କରେ

1605 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍କୀ ମାଟିର ବରପୁତ୍ର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ଡଃ ଯୋଗେଶ ଚନ୍ଦ୍ର ରାଉତ, ଗୋବିନ୍ଦ ରଥ ଏବଂ ନାମରେ ଡାକ ଟିକଟ ପ୍ରଚଳନ ପାଇଁ ପ୍ରସ୍ତାବ ଅଛି କି ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବାରଙ୍ଗଠାରେ Treasury ଖୋଲିବା ସମ୍ପର୍କରେ

1606 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାରଙ୍ଗଠାରେ ଏକ ଟ୍ରେଜେରୀ କାର୍ଯ୍ୟାଳୟ ଖୋଲିବାପାଇଁ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଧିକାରୀ ଓ କର୍ମଚାରୀମାନଙ୍କ ଉକ୍ତ Certificate ପ୍ରଦାନ ସମ୍ପର୍କରେ

1607 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ କାର୍ଯ୍ୟାଳୟମାନଙ୍କରେ ଅଧିକାରୀ, ଓ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉଥିବା ଚିଠିକୁ ନଥିରେ ପେଶ କରିବା ଓ ନଥି ଉପସ୍ଥାପନ କରିବା ଦାୟିତ୍ୱ ସୁସମ୍ପାଦାନ ପାଇଁ କି ପଦକ୍ଷେପ ନିଆଯାଇଛି ବହୁ କ୍ଷେତ୍ରରେ ପ୍ରଦତ୍ତ ଚିଠିକୁ ନଥିଲେ ପେଶ କରାଯାଉନଥିବା କାରଣରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ପରିପ୍ରେକ୍ଷୀରେ ତାହାର ସାପ୍ତାହିକ, ମାସିକ ପାକ୍ଷିକ ଓ ମାସିକ ସମୀକ୍ଷା କରିବା ସହ କର୍ମଚାରୀଙ୍କ ବଦଳୀ, ଅବସରପରେ ସେମାନେ ସେମାନେ ସେମାନଙ୍କୁ ପ୍ରଦତ୍ତ ଦାୟିତ୍ୱ ସୁସମ୍ପାଦାନ କରିଛନ୍ତି ବୋଲି ଅଧିକାରୀଙ୍କଠାରୁ ପ୍ରାପ୍ତ ସାର୍ଟିଫିକେଟ ଆଧାରରେ ସେମାନଙ୍କୁ ଭାରମୁକ୍ତ କରିବାକୁ ବ୍ୟବସ୍ଥା କରିବେ କି ?

----

## ସହାୟତାର ତାଲିକା

1608 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା "ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି" ରୁ ଉଦଳା ବ୍ଲକ, NAC, କପ୍ତିପଦା ବ୍ଲକ, ଗୋପବନ୍ଧୁନଗର ବ୍ଲକ ର ଅଭାବୀ ଓ ଦରିଦ୍ର ବ୍ୟକ୍ତିବିଶେଷ ମାନେ ଗତ 24 ବର୍ଷ ମଧ୍ୟରେ କେତେ ଟଙ୍କା ସହାୟତା ପାଇଛନ୍ତି ତା'ର ବ୍ଲକୱାରୀ ତାଲିକା ଦେବାସହ ସରଳୀକରଣ ଉପାୟରେ କିପରି ଅଭାବୀ ଓ ଦରିଦ୍ର ବ୍ୟକ୍ତିମାନେ ଉକ୍ତ ରିଲିଫ୍ ପାଣ୍ଠି ପାଇପାରିବେ ?

----

## ଅଧିକ ସଂଖ୍ୟାର Ambulance ଯୋଗାଣ

1609 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ଉପଖଣ୍ଡ ଏବଂ ଆଦିବାସୀ ବହୁଳ, କପ୍ତିପଦା, G.B. Nagar ବ୍ଲକର ଡାକ୍ତରଖାନାମାନଙ୍କୁ Ambulance ଅଧିକ ସଂଖ୍ୟାରେ ଯୋଗାଇଦେବେ କି, ବର୍ତ୍ତମାନ କେତୋଟି Ambulance କାର୍ଯ୍ୟକ୍ଷମ ଅଛି ?

----

### ଖାଦ୍ୟ ପଦାର୍ଥର ମାନ ଯାଞ୍ଚ

1610 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନକଲି ଘିଅ, କ୍ଷୀର, ଖାଦ୍ୟପଦାର୍ଥ, ଛତୁଆ, ଥଣ୍ଡା ପାନୀୟ ମିଳୁଥିବାରୁ ରୋଗୀସଂଖ୍ୟା ବଢୁଅଛି, ଏହାକୁ ମାନ ଯାଞ୍ଚ କରିବା ସହିତ କଳାବଜାରୀକୁ କୋଠର ଦଣ୍ଡ ଦେଇ ବୈଜ୍ଞାନିକ ପଦ୍ଧତିରେ ଜ୍ଞାନ ବୃଦ୍ଧି କୌଶଳ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନେବେ କି ?

----

### ଯୋଜନା ପାଇଁ ଯୋଗାଯାଇଥିବା ଅର୍ଥର ପରିମାଣ

1611 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ମଧ୍ୟରୁ, କେଉଁ କେଉଁ ଯୋଜନା ସକାଶେ କେନ୍ଦ୍ର ସରକାର ତାଙ୍କ ଅଂଶ ବାବଦକୁ କେତ ଲେଖାଏଁ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ଓ ଆର୍ଥିକ ବର୍ଷ ୨୦୨୪- ୨୫ ଓ ୨୦୨୫-୨୬ ପାଇଁ ଉକ୍ତ ଯୋଜନା ପାଇଁ କେତେ ଅର୍ଥ ଯୋଗାଇ ଦେଇଛନ୍ତି, ତା'ର ଏକ ବିଭାଗ ଓ ଯୋଜନା ଓ୍ୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ଅର୍ଥ ଅଭାବରୁ କୌଣସି ଯୋଜନା ଲୋକଙ୍କ ପାଖରେ ପହଞ୍ଚିବାରେ ବିଫଳ ହୋଇଛି କି, ଯଦି ହୋଇଛି, ସେସବୁ ଯୋଜନା ନାମ କ'ଣ ରହିଛି ?

----

### GST ଅଂଶ ବାବଦକୁ ପାଇଥିବା ଅର୍ଥ ପରିମାଣ

1612 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଗତ ଆର୍ଥିକ ବର୍ଷ 2022-23 ଓ 2023-24 ରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରୁ ରାଜ୍ୟର GST ଅଂଶ ବାବଦକୁ କେତେ ଅର୍ଥ ପାଇଥିଲେ ଏବଂ ଗତ ଆର୍ଥିକ ବର୍ଷ 2024-25 ଓ 2025-26 ରେ କେତେ ଅର୍ଥ ପାଇଛନ୍ତି ?

----

### Android Mobile Phone ବ୍ୟବହାରକୁ କଟକଣା

1613 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଜିର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବ୍ୟବହାର କରୁଥିବା Android Mobile Phone ରେ ଆପଣାଛାଏଁ ବିଭିନ୍ନ ପ୍ରକାରର ଅଶ୍ଳୀଳ ଭିଡିଓ ଦୃଶ୍ୟମାନ ହେଉଥିବା ଯୋଗୁଁ, କୋମଳମତି ଛାତ୍ରଛାତ୍ରୀ ମାନେ ଏହା ଦ୍ୱାରା ପ୍ରଭାବିତ ହେବାକୁ ଏଡାଇ ଦିଆଯାଇ ନପାରେ, ଏହାକୁ ବିଚାରକୁ ନେଇ, ଏଥିରେ କଟକଣା ଜାରି କରିବାକୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବେ କି ?

----

### Neonatal Mortality Rate ଓ Maternity Mortality Ratio Improve ପାଇଁ ପଦକ୍ଷେପ

1614 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ "ଅନାଇମିଆ ମୁକ୍ତ ଓଡିଶା" ରେ coverage କେତେ ଓ ରାୟଗଡା ଜିଲ୍ଲାରେ କି କି ପଦକ୍ଷେପ ନିଆଯାଇଛି, ଏବଂ Rayagada ଜିଲ୍ଲାରେ Neonatal Mortality Rate ଓ Maternity Mortality Ratio improve ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?

----

### ନର୍ସ, ପାରାମେଡିକାଲ କର୍ମଚାରୀ ପଦବୀ ପୂରଣ

1615 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟ, CHC ଓ PHC ଗୁଡିକରେ ଖାଲି ପଡିଥିବା ନର୍ସ, ପାରାମେଡିକାଲ କର୍ମଚାରୀ ଏବଂ ଅନ୍ୟାନ୍ୟ Level-III ଓ Level-IV Staff ଖାଲି ପଡିଥିବା ପଦବୀ ପାଇଁ 2024-25, 2025-26 ଆର୍ଥିକ ବର୍ଷରେ କ'ଣ ପଦକ୍ଷେପ ନେଇଛନ୍ତି ?

----

### Trauma Care Centre ପ୍ରତିଷ୍ଠା ସମ୍ପର୍କରେ

1616 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାମାକ୍ଷା ଏବଂ ଭୁବନ ଠାରେ ଦୁଇଟି Trauma Centre ର ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଖୋଲାଯାଇ ପାରିନାହିଁ, ତୁରନ୍ତ ଖୋଲିପା ପାଇଁ ବ୍ୟବସ୍ଥା କରିବେ କି ?

----

**ଭୁବନ Medical ରେ City Scan ପ୍ରତିଷ୍ଠା ସମ୍ପର୍କରେ**

1617 **ଶ୍ରୀ ଶତୃଘନ ଜେନା (କାମାକ୍ଷାନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନ Medical କୁ ଉଚ୍ଚମାନର Medical ର ଆବଶ୍ୟକ ଅଛି କାରଣ ଭୁବନ Medical ରେ ଅନେକ ପରିମାଣରେ ରୋଗୀ ନିର୍ଭର କରିଥାନ୍ତି C.H.C. Bhuban ଏବଂ Kamakhyanagar, Medical ରେ ଦୁଇଟି City Scan ର ବ୍ୟବସ୍ଥା କରିବେ କି ?

----

**ପଦ୍ମାବତୀ ଠାରେ ଥିବା ହସ୍ପିଟାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ଏବଂ ୩ ଗୋଟି ପି.ଏଚ୍.ସି ନିର୍ମାଣ ସମ୍ପର୍କରେ**

1618 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପଦ୍ମାବତୀ ଠାରେ ଥିବା ହସ୍ପିଟାଲ କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାକୁ ପଦକ୍ଷେପ ନିଆଯିବା, ଏତଦ ଭିନ୍ନ ଆବଶ୍ୟକ ଥିବା ଅଧିକ ୩ ଗୋଟି ପି.ଏଚ୍.ସି. ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ସୂଚନା ଦେବେ କି ?

----

**ଟାୱାର ନିର୍ମାଣ ସମ୍ପର୍କରେ**

1619 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆବଶ୍ୟକ ଥିବା ସ୍ଥାନରେ ନେଟୱାର୍କ ପ୍ରବଣ କରାଇବା ପାଇଁ ଅଧିକ ସଂଖ୍ୟକ ଟାୱାର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି ?

----

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୁରଣ ଏବଂ Medi-City ପ୍ରକଳ୍ପ ନିର୍ମାଣ**

1620 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକରେ ପ୍ରସ୍ତାବିତ ୨୦୦ ଏକର ପରିମିତ 'ମେଡି-ସିଟି' (Medi-City) ପ୍ରକଳ୍ପ ସହିତ କଟକ ସଦର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାକୁ କିପରି ଯୋଡ଼ାଯିବ, କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଗୁଡିକରେ ଡାକ୍ତର ଓ ରୋଗୀଙ୍କ ଅନୁପାତ କେତେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କେତେ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ଖାଲି ପଡିଛି, କେତେ ସମୟ ଅବଧି ମଧ୍ୟରେ ଏ ସବୁ ପଦବୀ ପୂରଣ ହେବାର ଯୋଜନା ରଖୁଛନ୍ତି ?

----

**ଫିଜିଓଥେରାପି ପଦବୀ ସୃଷ୍ଟି ସମ୍ପର୍କରେ**

1621 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ଚିକିତ୍ସାଳୟଗୁଡ଼ିକ (DHH, SDH, CHC ଇତ୍ୟାଦି)ରେ ନିୟମିତ ଫିଜିଓଥେରାପି ପଦ ସୃଷ୍ଟି କରିବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ବିଚାରାଧିନ ଅଛି କି, ଯଦି ଅଛି ତେବେ-(କ) ପଦ ସଂଖ୍ୟା କେତେ, (ଖ) ହସ୍ପିଟାଲ ଭିତ୍ତିକ ବିଭାଜନ, ଏବଂ ନିଯୁକ୍ତି ପାଇଁ ପ୍ରସ୍ତାବିତ ସମୟସୀମା କ'ଣ, ଯଦି ନାହିଁ, ତେବେ ରାଜ୍ୟରେ ବୃଦ୍ଧିଶୀଳ ଅସ୍ଥି, ସ୍ନାୟୁ, ଷ୍ଟ୍ରୋକ, ଦିବ୍ୟାଙ୍ଗ ଓ ବୃଦ୍ଧଜନ ସମ୍ବନ୍ଧୀୟ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ନିୟମିତ ଫିଜିଓଥେରାପି ପଦ ସୃଷ୍ଟି କରାଯାଇନଥିବାର କାରଣ କ'ଣ ?

----

**PHC କୁ କାର୍ଯ୍ୟକାରୀ**

1622 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକର ବରଣ୍ଡା ଠାରେ PHC କୁ 24 Hrs. ଚଳାଇବା ପାଇଁ ସ୍ଥିରିକୃତ ହୋଇଥିଲେ ମଧ୍ୟ ଏଠାରେ ବର୍ତ୍ତମାନ ସୁଦ୍ଧା ଏହାର ଭିତ୍ତିଭୂମି ଏବଂ ଆବଶ୍ୟକ Doctor ଓ ଅନ୍ୟାନ୍ୟ Paramedical Staff ନଥିବା ଯୋଗୁଁ, ଏହା ଚାଲୁନାହିଁ, ଏହା କେତେ ତାରିଖ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

**ବଜେଟର ପରିମାଣ ଓ ଖର୍ଚ୍ଚର ବିବରଣୀ**

1623 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପ୍ରତ୍ୟେକ ବିଭାଗରେ 2025-26 ଆର୍ଥିକ ବର୍ଷର ବଜେଟ୍ ର ପରିମାଣ କେତେ ଏବଂ ଫେବୃଆରି ଶେଷ ସୁଦ୍ଧା ବିଭିନ୍ନ ବିଭାଗରେ କେତେ ଖର୍ଚ୍ଚ କରିଛନ୍ତି ?

----

**PHC କୁ CHC କରିବାର ଯୋଜନା**

1624 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ ଥିବା ସମସ୍ତ PHC ମାନଙ୍କ ମଧ୍ୟରୁ କେଉଁ କେଉଁ PHC କୁ CHC କରିବାର ଯୋଜନା ଅଛି କି, ଯଦି 'ହଁ', ସେଗୁଡ଼ିକ କେବେ ହେବ ଓ କେଉଁ କେଉଁ PHC ଗୁଡ଼ିକ ହେବ ତାହାର ତଥ୍ୟ ପ୍ରଦାନ କରିବେ କି ?

----

**ଯାଜପୁର CHC ଓ PHC ରେ ଥିବା ଡାକ୍ତରଙ୍କ ସଂଖ୍ୟା**

1625 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ ଥିବା ସମସ୍ତ CHC ଓ PHC ରେ କେତେ ଡାକ୍ତର ରହିବା କଥା ଏବଂ ସେଥିମଧ୍ୟରୁ ଏବେ କେତେ ଡାକ୍ତର ଅଛନ୍ତି ତାର ବିସ୍ତୃତ ବିବରଣୀ ଦେବା ସହିତ ଖାଲିଥିବା ଡାକ୍ତର ପଦବୀ କେବେସୁଦ୍ଧା ପୂରଣ କରିବେ ?

----

**ଯୋଗାଯାଇଥିବା ଉପକରଣର ବିବରଣୀ**

1626 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ମହିଳା ଓ ଶିଶୁମାନଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଯେଉଁ ୧୦୦ ଶଯ୍ୟା ବିଶିଷ୍ଟ (mother child health care unit) ୨୦୧୬-୧୭ ଆରମ୍ଭ ହୋଇଛି, ସେଥିନିମନ୍ତେ ଉପଯୁକ୍ତ ଆବଶ୍ୟକୀୟ ଉପକରଣ ଯୋଗାଣ ହୋଇଛି କି, ଯଦି ହଁ, କେଉଁ କେଉଁ ଉପକରଣ ଯୋଗାଇ ଦିଆଯାଇଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ; (ଖ) ନବଜାତ ଶିଶୁ Care Unit ପାଇଁ ଆବଶ୍ୟକୀୟ expert doctor ସହିତ ବିଶେଷ ଉପକରଣ ଗୁଡ଼ିକ ଯୋଗାଇ ଦେବା ନିମନ୍ତେ Pilot Project ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରଖିବା ସହିତ କେବେ ସୁଦ୍ଧା କାର୍ଯ୍ୟକାରୀ କରିବେ ?

----

**ବିନା ଅନୁମତିରେ ବନ୍ଧୁକ କାରବାର**

1627 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲା ସହିତ ସମଗ୍ର ଓଡ଼ିଶାରେ ଚୋରା ବନ୍ଧୁକ କାରବାର ଓ ବିନା ଅନୁମତି ବନ୍ଧୁକ ରଖିବା ଘଟଣା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟରେ ପରିଣତ ହୋଇଛି, ରାଜ୍ୟ ସରକାର ଜଣାଇବେ କି; ଭଦ୍ରକ ଜିଲ୍ଲାରେ ବିନା ଅନୁମତିରେ ବନ୍ଧୁକ ରଖିଥିବା ଲୋକଙ୍କ ସଂଖ୍ୟା କେତେ, ଭଦ୍ରକ ଅଞ୍ଚଳରେ ଚୋରା ବନ୍ଧୁକ କାରବାରରେ ଜଡ଼ିତ ଥିବା ଅପରାଧୀମାନଙ୍କ ସଂଖ୍ୟା କେତେ ଏବଂ ଏହି ଅବୈଧ କାରବାରକୁ ନିବାରଣ ପାଇଁ ସରକାର କେଉଁ ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ରୁଜ୍ଜୁ ହୋଇଥିବା ମାମଲା ସଂଖ୍ୟା**

1628 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ନିବାରଣ ପକ୍ଷରୁ ଗତ 5 ବର୍ଷ ମଧ୍ୟରେ କେତେଜଣ ସରକାରୀ କର୍ମଚାରୀ ଆୟ ବହିର୍ଭୁତ ଠୁଳ ଏବଂ କେତେଜଣ ଟ୍ରାପ ହୋଇ ଥିବା ମାମଲା ରୁଜ୍ଜୁ ହୋଇଛି, ବର୍ଷ ଏବଂ ଜିଲ୍ଲା ୱାରୀ ତଥ୍ୟ ରଖିବେ କି, ଏଥିମଧ୍ୟରୁ କେତେଜଣ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି, ଦଣ୍ଡିତ ପରେ ମଧ୍ୟ କେତେଜଣ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି ?

----

**ଶିକ୍ଷକ ମାନଙ୍କୁ ପେନସନ୍ ମଞ୍ଜୁର**

1629 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର କେଉଁ ବିଭାଗ ଅଧିନରେ ତା.31.12.2025 ରିଖ ପୂର୍ବରୁ ଅବସର ନେଇଥିବା ଅଧିକାରୀ, କର୍ମଚାରୀ, ଅଧ୍ୟାପକ ଓ ଶିକ୍ଷକମାନଙ୍କ ମଧ୍ୟରୁ କେତେଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ହୋଇନାହିଁ ; କେତେ ଜଣଙ୍କ ପେନସନ୍ ପ୍ରସ୍ତାବ ନଥି ଓ କାର୍ଯ୍ୟକରୁଥିବା ଶେଷ କାର୍ଯ୍ୟାଳୟରୁ ସୁପାରିଶ ହୋଇନାହିଁ ; ପ୍ରତ୍ୟେକ ବିଭାଗ ଓ କାର୍ଯ୍ୟାଳୟରେ ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କୁ ପେନସନ୍ ନୋଡାଲ ଅଧିକାରୀ ଘୋଷଣା କରି ପେନସନ୍ ମଂଜୁରୀ ତ୍ୱରାନ୍ୱିତ ପାଇଁ କଣ ପଦକ୍ଷେପ ନିଆଯାଉଛି ?

----

**ପଞ୍ଚାୟତରେ ବ୍ୟାଙ୍କ ସେବା ଖୋଲାଯିବା ସମ୍ପର୍କରେ**

1630 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଉପଲବ୍ଧ ନାହିଁ ଜଣାଇବା ସହିତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେବେ କି ?

----

**ପାରାମେଡିକାଲ ଷ୍ଟାଫ୍ ପଦବୀ ପୂରଣ ସମ୍ପର୍କରେ**

1631 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲରେ କେତେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ଆବଶ୍ୟକ ଥିବାବେଳେ ବର୍ତ୍ତମାନ କେତେ ଡାକ୍ତର ଓ ଷ୍ଟାଫ୍ ଅଛନ୍ତି, ଖାଲିପଡିଥିବା ଡାକ୍ତର ଓ ଷ୍ଟାଫ୍ ପଦବୀ ଗୁଡିକ ପୂରଣ ନିମନ୍ତେ କି ପଦକ୍ଷେପ କେବେସୁଦ୍ଧା ନେଉଛନ୍ତି ?

----

**ଦୁଇଟି ଫାଣ୍ଡି ପ୍ରତିଷ୍ଠା**

1632 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଥାନା ଠାରୁ ଦୂର ଦୁରାନ୍ତରେ ଥିବା ସ୍ଥାନ ମାନଙ୍କରେ ଅପରାଧ ପ୍ରବଣତା ବୃଦ୍ଧି ପାଉଥିବା, ବିଶେଷକରି ଚୋରୀ, ରାହାଜାନି, ଡକାୟତି ହେଉଥିବା ଦୃଷ୍ଟିରୁ ଏବଂ ନିକଟବର୍ତ୍ତୀ ଥାନା ଠାରୁ ଦୂରତା ଦୃଷ୍ଟିକୋଣରୁ କେନ୍ଦୁଝର ଜିଲ୍ଲାର ଘଷିପୁରାର ରେକୁଟିଆ ଏବଂ ଘଟଗାଁର ଭୋଳବେଢ଼ାଠାରେ ଦୁଇଟି ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରିବେ କି ?

----

**ମ୍ୟାଲେରିଆ ନିୟୋନ୍ତ୍ରଣର ସଫଳତା**

1633 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଶିଶୁ ଅପପୃଷ୍ଟି, ମ୍ୟାଲେରିଆ, AIDS, TB, MMR, IMR କ୍ଷେତ୍ରରେ ଦେଶରେ ଓଡିଶାର ସ୍ଥାନ କେତେ, ଏସବୁ ନିୟୋନ୍ତ୍ରଣ ଦିଗରେ ପୁନଃ ସଫଳତା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଓ ସେଥିରୁ କି ସୁଫଳ ମିଳିଛି ?

----

**ପଦୋନ୍ନତିରୁ ବଞ୍ଚିତ କରି ବଦଳି**

1634 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୋଲିସ ବେତାର ବିଭାଗରେ 2022 ମସିହା ଠାରୁ ଅଦ୍ୟାବଧି ବେତାର ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା ଆକ୍ରୋଶମୂଳକ ଭାବେ ବେନିୟମ ଭାବେ ବିନା କାରଣରେ କର୍ମଚାରୀଙ୍କ ବିରୁଦ୍ଧରେ Proceeding କରିବା, adverse CCR ପ୍ରଦାନ ପୂର୍ବକ ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ କରିବା ସହିତ ଅନ୍ୟତ୍ର ବଦଳି କରାଯାଇଥିବା ରାଜ୍ୟ ସରକାର ଅବଗତ ଅଛନ୍ତି କି, (କ) ଏପରି କର୍ମଚାରୀଙ୍କ ସଂଖ୍ୟା ଓ ନାମ (Rankwise) ଜଣାଇବେ କି, (ଖ) Prog ର କାରଣ ଓ ସ୍ଥିତାବସ୍ଥା କ'ଣ, Prog ଆରମ୍ଭ ପାଇଁ ଆଦେଶ ପ୍ରଦାନ କରିଥିବା ଅଧିକାରୀଙ୍କ ନାମ ଏବଂ Rank ଜଣାଇବା ସହିତ ଉକ୍ତ ପୀଡିତ କର୍ମଚାରୀ ମାନଙ୍କୁ ପଦୋନ୍ନତି ଦେବା ପାଇଁ ପଦକ୍ଷେପ ନେବେ କି ?

----

**ରୁଜୁ ହୋଇଥିବା ଦୁର୍ନୀତି ମାମଲା ସଂଖ୍ୟା**

1635 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ତିନି ବର୍ଷ ମଧ୍ୟରେ ଭିଜିଲାନ୍ସ ବିଭାଗ ଦ୍ୱାରା କେତୋଟି ଦୁର୍ନୀତି ମାମଲା ରୁଜୁ ହୋଇଛି ଏବଂ ସେଥିମଧ୍ୟରୁ କେତୋଟି କ୍ଷେତ୍ରରେ ଦଣ୍ଡବିଧାନ କରାଯାଇଛି, (କ) ବର୍ତ୍ତମାନ ସୁଦ୍ଧା କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପତ୍ତି ସରକାର ବ୍ୟାଜ୍ୟାପ୍ତି କରିଛନ୍ତି ଏବଂ ସେହି ଅର୍ଥକୁ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି, (ଖ) ଦୁର୍ନୀତି ବିଷୟରେ ସୂଚନା ଦେଉଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ପାଇଁ ସରକାରଙ୍କର କି ନୀତି ରହିଛି ?

----

**NHM ର RPF Clause ପରିବର୍ତ୍ତନ ସମ୍ପର୍କରେ**

1636 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 10୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଦୈନିକ 12 ଘଣ୍ଟା ଓ ସପ୍ତାହକୁ 72 ଘଣ୍ଟା ବାଧ୍ୟ କରି ଖଟାଉଥିବାରୁ ସରକାରଙ୍କ ନିୟମ ଅନୁସାରେ ଏହା ବେଆଇନ ନୁହେଁ କି, ସରକାରୀ ନିୟମ ଅନୁସାରେ ଦୈନିକ ୮ ଘଣ୍ଟା ଓ ସପ୍ତାହକୁ 4୮ ଘଣ୍ଟା ଅଧିକା କାର୍ଯ୍ୟ କଲେ ଓଭର ଟାଇମ୍ ପଇସା ଦବାର ବ୍ୟବସ୍ଥା ଥିବାବେଳେ-10୮ ଆମ୍ବୁଲାନ୍ସ କର୍ତ୍ତୃପକ୍ଷ ଦେଉନାହାନ୍ତି କାହିଁକି, NHM ର RPF clause ରେ କିଛି ପରିବର୍ତ୍ତନ ହେଇଛି କି ?

----